

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ.....

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୨୫ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 AUGUST 2022

Vol.No. 35 ■ No. 223 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

## ଫ୍ଲୋର ଟେଷ୍ଟରେ ବାଜି ମାରିଲେ ନୀତୀଶ କୁମାର

ପାଟନା, ୨୪/୦୮ (ନି.ପ୍ର): ଫ୍ଲୋର ଟେଷ୍ଟରେ ବାଜି ମାରିଲେ ନୀତୀଶ କୁମାର। ଆଜି ବିହାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର ଆସ୍ଥା ଭୋଟରେ ବିଜୟ ଲାଭ କରିଛନ୍ତି। ନିକଟରେ ବିଜେପି ହାତ ଛାଡ଼ି ମହାମେଣ୍ଟ ସହ ହାତ ମିଳାଇ ନୀତିଶ କୁମାର ନୂଆ ସରକାର ଗଠନ କରିଥିଲେ। ଭୋଟିଂ ପୂର୍ବରୁ ଆଜି ନୀତିଶ କୁମାର ଆଜି ତାଙ୍କ ଭାଷଣ ଚାଲୁଥିଲା ବେଳେ ବିଜେପି ଏହାକୁ ବିରୋଧ କରି କକ୍ଷ ତ୍ୟାଗ କରିଥିଲେ । ବିଜେପିର ଗୃହ ତ୍ୟାଗ ପରେ ହୋଇଥିବା ଆସ୍ଥା ଭୋଟରେ ନୀତୀଶ କୁମାର ଆବଶ୍ୟକ ସଂଖ୍ୟା ୧୬୦ଟି ଭୋଟ୍ ପୂରଣ କରିପାରିଥିଲେ । ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ନୀତୀଶ କୁମାରଙ୍କ ସରକାରକୁ ୧୬୪ ଜଣ ବିଧାୟକ ସମର୍ଥନ କରିଥିବା ବେଳେ ସଂଖ୍ୟାଗରିଷ୍ଠତା ପ୍ରମାଣ କରିଥିଲେ ନୀତିଶ। ଆଜି କନଫିଡେନ୍ସ ମୋସନରେ ହୋଇଥିବା ବିତର୍କରେ ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଭାଗ ନେଇ ନୂଆ ପାର୍ଟନରସିପ ଏକ ଐତିହାସିକ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏହି ଇନିଂସ କେବେ ଶେଷ ହେବନି। ଏହା ଐତିହାସିକ ହେବ। ଆମ ଯୋଡ଼ି ଲମ୍ବା ସମୟ ଧରି କାଏମ ରହିବ। କେହି ସମ୍ପର୍କ ତୁଟାଇ ପଳାଇ ଯିବେ ନାହିଁ ବୋଲି ତେଜସ୍ୱୀ କହିଥିଲେ। ତେବେ ବିଜେପି ନେତା ତାରା କିଶୋର ପ୍ରସାଦ ନୀତୀଶ କୁମାରଙ୍କୁ କଡ଼ା ସମାଲୋଚନା କରିଥିଲେ। କହିଥିଲେ ନୀତୀଶ କୁମାର ରାଜନୀତିରେ ବିଶ୍ୱସନୀୟତା ହରାଇ ସାରିଛନ୍ତି। ନିଜ ଦକ୍ଷତା ବଳରେ ମୁଖ୍ୟମନ୍ତ୍ରୀ ହେବାର ଦମ ନଥିବା ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପାଇଁ ସ୍ୱପ୍ନ ଦେଖୁଛନ୍ତି। ଆଜିର ବିଧାନଭସା ସେଶନରେ ବାଚିସ୍ପତି ତଥା ବିଜେପିର ବିଜୟ କୁମାର ସିହ୍ନାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। କିନ୍ତୁ ସେ ତୁରନ୍ତ ବିଧାନସଭା ଆସନ ପରିତ୍ୟାଗ କରିଥିଲେ। ସେ କହିଥିଲେ ଆସନ୍ତାକାଲି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବ। ତେଣୁ ବିଧାନସଭା ବାଚସ୍ପତି ଆସନରୁ ଓହରି ଯାଇଥିଲା ବେଳେ ତାଙ୍କ ସ୍ଥାନରେ ଜେଡିୟୁ ପକ୍ଷରୁ ଡେପୁଟି ସ୍ପିକର ପରିଚାଳନା କରିଥିଲେ। ଟ୍ରଷ୍ଟ ଭୋଟର କିଛି ସମୟ ପୂର୍ବରୁ ରେଲୱେ ଚାକିରିରେ ହୋଇଥିବା ଦୁର୍ନୀତିରେ ଆରଜେଡିର ଏକାଧିକ ନେତାଙ୍କ ଘରେ ସିବିଆଇ ରେଡ୍ କରିଥିଲା। ୟୁପିଏ ଓ୍ୱାନ ସରକାର ସମୟରେ ଏହି ଘୋଟାଲା ହୋଇଥିଲା। ସେହି ସମୟରେ ବିହାରରେ ଲାଲୁ ପ୍ରସାଦ ଯାଦବ ମୁଖ୍ୟମନ୍ତ୍ରୀ ଥିଲେ। ସିବିଆଇ ରେଡ୍ ସମ୍ପର୍କରେ ପଚରାଯିବାରୁ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି ଯେ ସେମାନେ ବିଧାନସଭାରେ ଜବାବ ଦେବେ।

## ୨ ରାଜ୍ୟରେ ୨ ମେଗା ସ୍ୱାସ୍ଥ୍ୟ ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ, ୨୪/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ହରିୟାଣା ଏବଂ ପଞ୍ଜାବ ଗସ୍ତରେ ଯାଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପ୍ରକଳ୍ପର ଉଦଘାଟନ କରିଛନ୍ତି । ହରିୟାଣାର ଫରିଦାବାଦ ଠାରେ ଅମୃତା ହସ୍ପିଟାଲର ଉଦଘାଟନ କରିଛନ୍ତି ମୋଦି । ଅମୃତା ହସ୍ପିଟାଲ ପ୍ରତିଷ୍ଠା ଦ୍ୱାରା ନ୍ୟାସନାଲ କ୍ୟାପିଟାଲ ରିଜିଅନରେ ଆଧୁନିକ ଚିକିତ୍ସା ଭିତ୍ତିଭୂମିର ମାନ ବୃଦ୍ଧି ହେବ। ପାଖାପାଖି ୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଡାକ୍ତରଖାନା ଫରିଦାବାଦ ଏବଂ ସମଗ୍ର ଏନସିଆର ଅଞ୍ଚଳର ଲୋକଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ। ପଞ୍ଜାବ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତକୁ ବିକଶିତ ପାଇଁ ଏହାର ସ୍ୱାସ୍ଥ୍ୟ ସେବା ବିକାଶ କରିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଭାରତର ଲୋକମାନେ ଚିକିତ୍ସା, ଆଧୁନିକ ସୁବିଧା ପାଇଁ ଆଧୁନିକ ଡାକ୍ତରଖାନା ପାଇବେ, ସେତେବେଳେ ସେମାନେ ଶୀଘ୍ର ସୁସ୍ଥ ହୋଇଯିବେ । ଅନ୍ୟପକ୍ଷରେ ମଞ୍ଚରେ ଉପସ୍ଥିତ ଥିବା ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଆଜି ଦେଶ ପାଇଁ ଉତ୍ସର୍ଗ କରିଥିବା କର୍କଟ ▶▶ପୃଷ୍ଠା ୭

## ଆରଜେଡିର ୫ ନେତାଙ୍କ ଠିକଣାରେ ରେଡ୍

ଭୁବନେଶ୍ୱର,୨୪/୦୮ (ନି.ପ୍ର): ବିହାରରେ ସରକାର ବଦଳିବା ପରେ ସକ୍ରିୟ ହୋଇଛି ସିବିଆଇ । ରେଲୱେରେ ହୋଇଥିବା ନିଯୁକ୍ତି ଘୋଟାଲାରେ ସିବିଆଇ ଏହି ରେଡ୍ କରିଛି । ପାଟଣାରୁ ହରିଆଣା ଗୁରୁଗ୍ରାମ ଏହି ରେଡ୍ ହୋଇଛି । ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ମଲ୍ ରହିଛି ବୋଲି କୁହାଯାଉଛି । ଏବେ କିନ୍ତୁ ଏହି ମଲ ତାଙ୍କର ନୁହଁ ବୋଲି ତେଜସ୍ୱୀ ଯାଦବ କହିଛନ୍ତି । ତେବେ ବହୁମତ ପରୀକ୍ଷା ପୂର୍ବରୁ ସିବିଆଇର ଏହି ରେଡକୁ ନେଇ ପ୍ରଶ୍ନ ଉଠିଛି । ବିହାରରେ ସରକାର ବଦଳିଛି । ନୀତିଶ ବିଜେପିର ହାତଛାଡ଼ି ଆରଜେଡି ସହ ମେଂଟ କରି ସରକାର ଗଠନ କରିଛନ୍ତି । ଆଉ ଯେଉଁଦିନ ବିହାର ବିଧାନସଭାରେ ଶାସକ ମେଂଟ ବହୁମତ ପ୍ରମାଣର ପରୀକ୍ଷା ଦେଇଛି, ସେହିଦିନ ଆରଜେଡି ନେତାଙ୍କ ଉପରେ ଚଢ଼ାଉ କରିଛି ସିବିଆଇ । ଜଣେ ନୁହେଁ କି ଦୁଇଜଣ ନୁହେଁ, ଏକାଥରେ ୫ ଜଣ ଆରଜେଡି ନେତାଙ୍କ ଠିକଣାରେ ସିବିଆଇ ରେଡ୍ କରିଛି । ଲାଲୁ ପ୍ରସାଦ ଯାଦବ କେନ୍ଦ୍ରରେ ରେଳମନ୍ତ୍ରୀ ଥିବା ବେଳେ ରେଲୱେରେ ଚାକିରି କରାଇଦେବା ନାଁରେ ହୋଇଥିବା ଜମି ଦୁର୍ନୀତି ମାମଲାରେ ଏହି ଚଢ଼ାଉ ହୋଇଛି । ଆରଜେଡି ବିଧାନ ପରିଷଦ ସଦସ୍ୟ ସୁନୀଲ ସିଂହଙ୍କ ୪ଟି ଠିକଣାରେ ରେଡ୍ ହୋଇଥିବା ବେଳେ ହରିଆଣା ଗୁରୁଗ୍ରାମରେ ଏକ ମଲରେ ରେଡ୍ ହୋଇଛି । ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଏହି ମଲ୍ର ମାଲିକ ବୋଲି ଅଭିଯୋଗ ହୋଇଛି । ତେଜସ୍ୱୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ବିଜେପି ଏବେ ଭୟଭୀତ ହୋଇପଡ଼ିଛି, ଆଉ ସେଥିପାଇଁ ସିବିଆଇ, ଇଡି ଏବଂ ଇନକମ ଟ୍ୟାକ୍ସ ଡିପାର୍ଟମେଂଟକୁ ହାତବାରିସି କରି ଅନ୍ୟ ଦଳର ନେତାଙ୍କୁ ହଇରାଣ କରିବାକୁ ଚେଷ୍ଟା କରୁଛି । ସେପଟେ ବିହାର ବିଧାନସଭାରେ ନିଜର ବହୁମତ ସାବ୍ୟସ୍ତ କରିଛି ଜେଡିୟୁ-ଆରଜେଡି ମେଂଟ ସରକାର । ବହୁମତ ପ୍ରମାଣ ବେଳେ ବିଜେପି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହଯୋଗୀ ଘରୁ ବାହାରିଲା ଏକେ-୪୭

ନୂଆଦିଲ୍ଲୀ, ୨୪/୦୮ : ବେଆଇନ ଖଣି ମାମଲାରେ ରାଞ୍ଚିରେ ଇଡି ଚଢାଉ ଜାରି ରହିଛି । ଇତି ମଧ୍ୟରେ ଏକ ବଡ ଖବର ଆସିଛି, ବାସ୍ତବରେ ସିଏମ୍ ସୋରେନଙ୍କ ନିକଟବର୍ତ୍ତୀ କୁହାଯାଉଥିବା ପ୍ରେମ ପ୍ରକାଶଙ୍କ ଘରୁ ଚଢାଉ ସମୟରେ ଦୁଇଟି ଏକେ-୪୭ ଜବତ କରାଯାଇଛି। ବେଆଇନ୍ ଖଣି ଖୋଦନ ମାମଲାରେ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ'ର ଗୁଇନ୍ଦାମାନେ ପ୍ରେମ ପ୍ରକାଶଙ୍କ ଝାଡ଼ଖଣ୍ଡସ୍ଥିତ ବାସଭବନ ତଲାସ କରୁଥିବା ବେଳେ ଗୋଟାଏ ଲୁହା ଆଲମାରିରୁ ୨ଟି 'ଏକେ-୪୭' ରାଇଫଲ୍ ପାଇଥିବା କଥା କହିଛନ୍ତି। ବେଆଇନ୍ ରାଇଫଲ୍ ଉଦ୍ଧାର ଘଟଣା ସେ ନିମନ୍ତେ ଥିବା ସରକାରୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ପ୍ରେମ ପ୍ରକାଶଙ୍କ ନାଁରେ 'ଅସ୍ତ୍ରଶସ୍ତ୍ର ଆଇନ' ▶▶ପୃଷ୍ଠା ୭

## ହୀରାକୁଦ ଡ୍ୟାମରେ ଫାଟ ! ଅନୁଧ୍ୟାନ ପାଇଁ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୨୪/୦୮ (ନି.ପ୍ର): ହୀରାକୁଦ ଡ୍ୟାମର ବିଭିନ୍ନ ସ୍ଥାନରେ ଫାଟ ଥିବା ନେଇ ରିପୋର୍ଟ ମିଳିଛି। ଡ୍ୟାମ୍ ର ଅପରେସନ ଗ୍ୟାଲେରୀ, ଫାଉଣ୍ଡେସନ ଗ୍ୟାଲେରୀରେ ଫାଟ ରହିଛି। ଉଭୟ ବାମ ଓ ଦକ୍ଷିଣ ସ୍ପିଲୱେ ଗେଟ୍ ସାଫ୍ଟ, ସ୍ଲୁଇସ୍ ବ୍ୟାରେଲରେ ଫାଟ ରହିଛି। ତୁରନ୍ତ ଏକ୍ସପର୍ଟ ପ୍ୟାନେଲ ଦ୍ୱାରା ଡ୍ୟାମ୍ ନିରୀକ୍ଷଣ କରିବାକୁ ମହାନଦୀ ବେସିନ୍ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିଛି। ତେବେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି ଯେ, ଡ୍ୟାମ ପ୍ରତି ଆଦୌ ବିପଦ ନାହିଁ। ୨୦୨୦ ମସିହାରେ ଡ୍ୟାମ୍ ସେଫ୍ଟି ରିଭ୍ୟୁ ପ୍ୟାନେଲ ଟିମ୍ ଯାଂଚ କରି ଅଧିକ ଅନୁଧ୍ୟାନ ପାଇଁ କହିଥିଲେ। ସ୍ପିଲୱେ ତଳମୁଣ୍ଡ ଯାଂଚ ଡ୍ରୋନ ଦ୍ୱାରା କରିବାକୁ ପରାମର୍ଶ ଦେଇଥିଲେ। ଅଣ୍ଡରୱାଟର ଭିଡିଓଗ୍ରାଫି କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ପ୍ରତି ୫ ବର୍ଷରେ ଥରେ ସର୍ଭେ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ତେବେ ୧୯୯୯ ପରଠାରୁ ସର୍ଭେ କରାଯାଇନଥିବା ଜଣାପଡ଼ିଛି।

## ଆସିଲା ଶ୍ୱେତା ଉତ୍କଳ କୁମାରୀଙ୍କ ପୋଷ୍ଟମର୍ଟମ ରିପୋର୍ଟ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଭୁବନେଶ୍ୱରର ସଫ୍ଟୱେୟାର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଛି । ଶ୍ୱାସରୁଦ୍ଧ ହୋଇ ଶ୍ୱେତାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି । ବେକ ବ୍ୟତୀତ ଶରୀରରେ ଆଉ କୌଣସି ସ୍ଥାନରେ କ୍ଷତି ଚିହ୍ନ ନଥିବା ଜଣାପଡ଼ିଛି। ଅନ୍ୟପକ୍ଷେ, ଶ୍ୱେତାଙ୍କ ବୟଫ୍ରେଣ୍ଡ ସୌମ୍ୟଜିତ୍ ଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୌମ୍ୟଜିତଙ୍କୁ ହେପାଜତକୁ ନେଇଛି । ସୌମ୍ୟଜିତ୍ ମହାପାତ୍ର ସମସ୍ତ ପ୍ରଶ୍ନର ଜେରାର ସମ୍ମୁଖୀନ ହୋଇଛନ୍ତି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି । ଶ୍ୱେତାଙ୍କ ବାପା ପରିବାର ଲୋକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ଆଧାରରେ କେଶ ରୁଜୁ ହୋଇଛି । ସୌମ୍ୟଜିତଙ୍କ ପରିବାର ଲୋକଙ୍କ ସହ କଥା ବାର୍ତ୍ତା ଚାଲିଛି । ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ସୌମ୍ୟ ଜିତଙ୍କ ମାନସିକ ସ୍ଥିତି ଠିକ୍ ନାହିଁ । ▶▶ପୃଷ୍ଠା ୭

## ସେପ୍ଟେମ୍ବର ୩ରୁ ସ୍ୱତନ୍ତ୍ର ଓଜେଇଇ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୩ ତାରିଖ ଠାରୁ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଅନୁଷ୍ଠିତ ହେବ। ସେପ୍ଟେମ୍ବର ୩, ୪ ଓ ୭ ତାରିଖରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମୋଡରେ ୪ଟି ସିଫ୍ଟରେ ପରୀକ୍ଷାର ଆୟୋଜନ କରାଯିବ ବୋଲି ଓଡ଼ିଶା ଜେଇଇ ଚେୟାରମ୍ୟାନ୍ ସୂଚନା ଦେଇଛନ୍ତି। ପରୀକ୍ଷା ସୂଚୀ ଓଜେଇଇର ୱେବସାଇଟ୍ www.ojee.nic/ www.odishajee.comରେ ଉପଲବ୍ଧ ହେବ। ସୂଚନା ଅନୁଯାୟୀ ସେପ୍ଟେମ୍ବର ୩ ତାରିଖରେ ଏମ୍‌ବିଏ ପାଇଁ ପରୀକ୍ଷା ପୂର୍ବାହ୍ନ ୯ଟାରୁ ୧୦ ଓ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ହେବ । ▶▶ପୃଷ୍ଠା ୭

## ବଢ଼ିଲା ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ସୁରେଶ ମହାପାତ୍ରଙ୍କ ପରେ ରାଜ୍ୟରେ କିଏ ହେବ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ, ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଥିଲା । ନୂଆ ମୁହଁକୁ ସୁଯୋଗ ଦେବେ ନା ସୁରେଶଙ୍କ ଉପରେ ପୁଣି ଭରସା କରିବେ । ଆଉ ଶେଷରେ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳକୁ ଦ୍ୱିତୀୟ ଥର ପାଇଁ ଆଉ ୬ ମାସ ବୃଦ୍ଧି କରିଛନ୍ତି ସରକାର । କେନ୍ଦ୍ର ସରକାରଙ୍କ ଏହା ଉପରେ ବି ମୋହର ମାରିଛନ୍ତି । ଆଉ ଚିଠି ଅନୁସାରେ, ସେପଟ୍ଟେମ୍ବର ୧ରୁ ୨୦୨୩ ଫେବ୍ରୁଆରୀ ପର୍ଯ୍ୟନ୍ତ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ବଢ଼ିଛି । ଏହି ମାସ ଶେଷରେ ତାଙ୍କ କାର୍ଯ୍ୟକାଳ ସରୁଥିଲା । ପୂର୍ବରୁ ଗତ ଫେବ୍ରୁଆରୀରେ ପ୍ରଶାସନିକ କାର୍ଯ୍ୟରୁ ଅବସର ନେଇଥାନ୍ତେ ୧୯୮୬ ବ୍ୟାଚ୍ ଏହି ଆଇଏଏସ ଅଫିସର । ଅନେକ ଦକ୍ଷ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଥିବା ସତ୍ତ୍ୱେ କାହିଁକି ଦ୍ୱିତୀୟ ଥର ଲାଗି ସୁରେଶଙ୍କ ଉପରେ ଅଧିକ ଆସ୍ଥାପ୍ରକଟ କଲେ ତାକୁ ନେଇ ପାୱାର କରିଡରରେ ଜୋରଦାର ହୋଇଛି ଚର୍ଚ୍ଚା । କୁହାଯାଉଛି, ଯେଉଁମାନେ ଏହି ପଦବୀ ପାଇଁ ହକଦାର ଥିଲେ ସେମାନଙ୍କ ଉପରେ ସରକାରଙ୍କ ଉପରେ ଭରସା ଓ ବିଶ୍ୱାସ ନଥିଲା । ତେଣୁ ସୁରେଶଙ୍କୁ ରିପିଟ କରାଯାଇଛି । ଏବେ ଆସନ୍ତୁ ଦେଖିବା ମୁଖ୍ୟଶାସନ ସଚିବ ରେସରେ କିଏ କିଏ ଥିଲେ । ସବୁଠାରୁ ଆଗରେ ଥିଲେ ଉନ୍ନୟନ କମିସନର ତଥା ୧୯୮୯ ବ୍ୟାଚର ପ୍ରଦୀପ ଜେନା । ତେବେ ଶେଷରେ ତାଙ୍କୁ ନିରାଶ ହେବାକୁ ପଡିଛି । ୧୯୮୭ ବ୍ୟାଚ୍ ରାଜେଶ ବର୍ମାଙ୍କୁ ଓଡିଶାକୁ ଆଣିବାକୁ ରାଜ୍ୟ ସରକାର ଚିନ୍ତା କରିଥିଲେ । କିନ୍ତୁ ସେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବା ଚର୍ଚ୍ଚା ହେଉଛି । ସେ ରାଷ୍ଟ୍ରପତିଙ୍କ ସଚିବ ହେବା ପରେ ସରକାର ସୁରେଶ ମହାପାତ୍ରଙ୍କ ଉପରେ ଅଧିକ ଭରସା କରିଛନ୍ତି ।

## ବାବୁସାନଙ୍କ ପତ୍ନୀ ଓ ଶ୍ୱଶୁରଙ୍କ ନାଁରେ ପ୍ରକୃତି ୫ କୋଟିର ମାନହାନି ମାମଲା କଲେ ଦାୟର

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଅଭିନେତ୍ରୀ ପ୍ରକୃତି ମିଶ୍ର ବାବୁସାନଙ୍କ ପତ୍ନୀ ଓ ଶ୍ୱଶୁରଙ୍କ ନାଁରେ ମାନହାନୀ ମାମଲା ଦାୟର କରିଛନ୍ତି । ନିଜ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ନ୍ୟାୟ ପାଇଁ ଗତକାଲି ଉଚ୍ଚ ନ୍ୟାୟଳୟକୁ ଯାଇଥିବା ପ୍ରକୃତି ଆଜି ଭୁବନେଶ୍ୱର କୋର୍ଟରେ ମୋଟ୍ ୫ କୋଟି ୧୦ ଲକ୍ଷ ଟଙ୍କାର ମାନହାନୀ ମାମଲା ଦାୟର କରିଛନ୍ତି । ବାବୁସାନ୍ ଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ଓ ଶ୍ୱଶୁର ଲଳିତ ଶତପଥୀଙ୍କ ବିରୋଧରେ ମୋକଦ୍ଦମା ଦାୟର କରାଯାଇଛି । ତେବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟ ଆଠ ଜଣଙ୍କ ବିରୋଧରେ ମଧ୍ୟ ମୋକଦ୍ଦମା କରାଯିବ ବୋଲି ଜଣା ପଡିଛି । ହେଲେ ସେମାନେ ଚିହ୍ନଟ ହୋଇନଥିବାରୁ ତାଙ୍କ ନାଁ ଦିଆଯାଇ ନାହିଁ । ▶▶ପୃଷ୍ଠା ୭

## ଏଏସଓ ପରୀକ୍ଷା ପାଇଁ ଖୋର୍ଦ୍ଧାର ୧୩୯ ଶିକ୍ଷାନୁଷ୍ଠାନକୁ ସ୍ୱତନ୍ତ୍ର ଛୁଟି

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଆସିଷ୍ଟାଂଟ ସେକ୍ସନ୍ ଅଫିସର (ଏଏସଓ) ପରୀକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲାର ଶିକ୍ଷାନୁଷ୍ଠାନ ଗୁଡିକ ଆସନ୍ତା ୨୭ ତାରିଖ ଦିନ ବନ୍ଦ ରହିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ୧୩୯ ଶିକ୍ଷାନୁଷ୍ଠାନକୁ ସ୍ୱତନ୍ତ୍ର ଛୁଟି ଘୋଷଣା କରାଯାଇଛି। ଏଏସଓ ପରୀକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲାର ଏହି ୧୩୯ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଅଗଷ୍ଟ ୨୧ରେ ଏଏସଓ ପରୀକ୍ଷା ହେବା ନେଇ ସ୍ଥିର ହୋଇଥିଲା। କିନ୍ତୁ ବନ୍ୟା କାରଣରୁ ଏହି ପରୀକ୍ଷାକୁ ୨୭ ତାରିଖରେ କରିବା ନେଇ ଓଡ଼ିଶା ପବ୍ଲିକ ସର୍ଭିସ କମିସନ( ଓପିଏସ୍‌ସି) ସୂଚନା ଦେଇଥିଲା ।

## ଗବେଷଣା କ୍ଷେତ୍ରରେ ଭାରତ ଅଷ୍ଟ୍ରେଲିଆର ସମ୍ପର୍କ ସୁଦୃଢ଼ ହେବ : ଧର୍ମେନ୍ଦ୍ର

ମେଲବୋର୍ଣ୍ଣ/ଭୁବନେଶ୍ୱର,୨୪/୦୮ (ନି.ପ୍ର): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅଷ୍ଟ୍ରେଲିଆର ଶ୍ରେଷ୍ଠ ଗ୍ରୁପ୍ ଅଫ୍ ୮ (ଜିଓ ୮) ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତଙ୍କ ସହ ଆଲୋଚନା କରିଛନ୍ତି। ଗବେଷଣା କ୍ଷେତ୍ରରେ ଭାରତ ଓ ଅଷ୍ଟ୍ରେଲିଆ ସମ୍ପର୍କକୁ ଅଧିକ ମଜବୁତ୍ କରାଯାଇ ଉଭୟ ଦେଶ ଏବଂ ବିଶ୍ୱର କଲ୍ୟାଣ ଓ ସମୃଦ୍ଧି ପାଇଁ ଥିବା ନୂତନ ସମ୍ଭାବନା ଉପରେ ଶ୍ରୀ ପ୍ରଧାନ ଏହି ଆଲୋଚନା କାଳରେ ମତପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ କହି

## ଅବସରପ୍ରାପ୍ତ କାଗଜ କଳ ଶ୍ରମିକମାନଙ୍କ ବୈଠକ

ଜୟପୁର,୨୪/୦୬ (ନି.ପ୍ର): ଜୟପୁର ସ୍ଥିତ ସେବାକାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବୈଠକ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି ଯେ, ସବୁ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉ ନଥିବା ଯେଉଁ ମାନଙ୍କୁ ନିଯୁକ୍ତି ଦିଆଯାଉ ନାହିଁ ସେମାନଙ୍କୁ ପ୍ରତି ମାସରେ ୧୦ ହଜାର ଟଙ୍କା ସେମାନଙ୍କ ବକେୟା ପାଉଣାରୁ ଦିଆଯାଉ । କମ୍ପାନୀ ୫୫୦୦ ଟନ୍ ଉତ୍ପାଦନ କରିବା ଭଳି ଦେଖାଯାଉନାହିଁ କାରଣ ଏବେ ମଧ୍ୟ ଝଂଚାମାଲ, କେମିକାଲ ଠିକ୍ ଭାବେ ଆସୁନି । ଆଜି ସୁଦ୍ଧା ପିଏଫ୍ ପେନସନ ହୋଇପାରିନାହିଁ । ଏଥିମଧ୍ୟରେ ଅନେକ ଶ୍ରମିକ ରୋଗାକ୍ରାନ୍ତ ହୋଇ ମରିଗଲେଣି । ସେମାନଙ୍କ ପରିବାର ଅତ୍ୟନ୍ତ କଷ୍ଟରେ ଅଛନ୍ତି । ପ୍ରକାଶ ଯୋଗ୍ୟ ଯେ, କମ୍ପାନୀ ଶ୍ରମିକ ମାନଙ୍କୁ ବିଶ୍ୱାସକୁ ନନେଇ କାରଖାନାକୁ ଆଉ ଏକ କମ୍ପାନୀକୁ ବିକ୍ରି କରିଛି ୨୦୨୦ ମସିହାରେ ଏବଂ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ୧୫୦ କୋଟି ଟଙ୍କା ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୨୦୨୦ ଜୁନ ୮ ତାରିଖ ରେ ନେଇ ପୁରୁଣା ମାଲିକ ଗୌତମ ଥାପରକୁ ୧୦୦ କୋଟି କୋଟି ଟଙ୍କା ଦେଇ ଦେଇଛି ଅଥଚ ଶ୍ରମିକ ମାନଙ୍କ ବକେୟା ପାଉଣା ବିଷୟକୁ ଅଣଦେଖା କରୁଛି ।

## ସରୁନି ବନ୍ୟା ଯାତନା, ଚାଷୀ ଅଣ୍ଟା ସଳଖିବେ କେମିତି ?

ବାଲିପାଟଣା,୨୪/୦୬ (ନି.ପ୍ର): ଧନୁଆ ନଈରୁ ବନ୍ୟା ଜଳ କମିଛି । ଭାର୍ଗବୀ ନଦୀ ଅଚ୍ୟୁତପୁର କାଜରୁ ପାଣି ଗଡ଼ିବା ବନ୍ଦ ହୋଇଛି । ଗାଁଗଣ୍ଡା, ରାସ୍ତାଘାଟରୁ ବି ବନ୍ୟା ପାଣି କମିଛି । ଗହୀରର ଡ଼ିପ ଅଞ୍ଚଳରୁ ବି ପାଣି କମିଛି । କିନ୍ତୁ ସରିନି ବନ୍ୟା ଯାତନା । ଏବେ ବି ଶହ ଶହ ପରିବାର ଘରକୁ ଫେରିପାରିନାହାନ୍ତି । ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପକ୍ଷରୁ ମିଳୁଥିବା ଖାଦ୍ୟକୁ ଭରସା କରି ପଡ଼ିରହିଛନ୍ତି । ଗରିବ ଲୋକଙ୍କ କଚା ଘରଦ୍ୱାର ଶୁଖିନଥିବା ବେଳେ ଭିଜି ଯାଇଥିବା ମାଟି କାନ୍ଥ ଭୁଶୁଡ଼ିପଡ଼ିବା ଭୟ ବି ରହିଛି । ତେବେ ଏସବୁ ଭିତରେ ଚାଷୀ ପୁଣି ଗହୀରମୁହାଁ ହେବାକୁ ବସିଛି । ବହୁ ଜମି ବାଲିଚର ପାଲଟିଛି । ସେଥିରେ ଏବର୍ଷ କିଛି କରିବା ସମ୍ଭବ ନୁହେଁ । କିନ୍ତୁ ଯେଉଁ ଜମିରେ ପୁଣି ଚାଷ ହୋଇପାରିବ, ସେଥିପାଇଁ ହାତରେ ସମ୍ବଳ ନଥିବାରୁ ଚିନ୍ତାରେ ପଡ଼ିଛି । ଏହି ସମୟରେ ସରକାରୀ ସହାୟତା ମିଳିଲେ ଚାଷୀ ଅଣ୍ଟା ସଳଖି ପାରନ୍ତା ବୋଲି କୁହାଯାଉଛି ।

ଧନୁଆ ନଈ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ୬ ପଞ୍ଚାୟତର ଲୋକଙ୍କ ମଧ୍ୟରୁ ୯୦ ଶତକଡ଼ା ହେଉଛନ୍ତି କୃଷକ ଓ କୃଷି ଶ୍ରମିକ । ଧାନ ଓ ପରିବା ଚାଷରୁ ସେମାନଙ୍କ ପରିବାରର ଗୁଜୁରାଣ ମେଣ୍ଟେ । ତେଣୁ ଏବେ ଗହୀରରୁ ବନ୍ୟା ଜଳ କମିବା ପରେ ଚାଷୀମାନେ ପୁଣି ଧାନ ତଳି ରୋଇବାକୁ ବାହାରିଛନ୍ତି । ମାତ୍ର ବାହାରୁ ଚଢ଼ା ଦାମ୍‌ରେ ତଳି କିଣିବା, ପରିବହନ ଖର୍ଚ୍ଚ କରି ବୋହିବା ଓ ବିଲରେ ରୋଇବାକୁ ଦରକାର ପ୍ରଚୁର ଅର୍ଥ । ଯେଉଁ କିଛି ଚାଷୀଙ୍କ ସମ୍ବଳ ଅଛି, ସେମାନେ ଲାଗିପଡ଼ିଲେଣି । ଫଳରେ କିଛି କିଛି କୃଷି ଶ୍ରମିକ ପୁଣି କାମ ପାଇଲେଣି । ମାତ୍ର ଅଧିକାଂଶ ଚାଷୀ ସମ୍ବଳ ଯୋଗାଡ଼ କରିବାରେ ଲାଗିଛନ୍ତି । ଏହି ସମୟରେ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ମିଳିବା ଦରକାର । ତାହା ମିଳିନାହିଁ । ବିଭାଗୀୟ ଅଧିକାରୀମାନେ ଆକଳନ କରୁଛନ୍ତି । ଏସବୁ ସାଙ୍ଗକୁ ବି କୃଷି ଋଣ ମିଳୁନି । ତେଣୁ ପୁଣି ମହାଜନର ଦୁଆର ଖୋଜୁଛି ଚାଷୀ । ଏବେ ପରିସ୍ଥିତି ଯାହା ସମ୍ବଳ ଅଭାବରୁ ବହୁ ଚାଷୀ ଜମି ପଡ଼ିଆ ପକାଇବାକୁ ବାଧ୍ୟ ହେବେ । କିଛି ଚାଷୀଙ୍କ କହିବା କଥା, ସରକାରୀ ସହାୟତା ମିଳିବା ଯାହା ଠେଙ୍ଗା ସଜାଡୁ ସଜାଡୁ ଘୁଷୁରି ମଙ୍ଗଳପୁରରେ ପାଇବା ସେୟା । ସମବାୟ ସମିତିରୁ ସହଜରେ କୃଷି ଋଣ ମିଳୁଥିଲେ, କଥା ଭିନ୍ନ ହୋଇଥାନ୍ତା । ପୁଣି ମହାଜନଠାରୁ ଧାରକରଜ କରି କ'ଣ ପାଇଁ ଧାନ ତଳି ରୁଆଇବୁ । ବରଂ ଆଉ ଦୁଇଟା ମାସ ପରେ ବର୍ଷା ଛାଡ଼ିଗଲେ ରବି ଋତୁରେ ଡାଲି ଜାତୀୟ ଶସ୍ୟ ଓ ପରିବା ଚାଷ କରିବୁ । ଆକଳନ କରାଯାଉଛି, ଯଦି ବହୁ ଚାଷୀ ଏମିତି କରନ୍ତି, ତେବେ ଶହ ଶହ ଏକର ଜମି ପଡ଼ିଆ ପଡ଼ିବା ସହ କୃଷି ଶ୍ରମିକମାନେ ବେରୋଜଗାର ହୋଇରହିବେ । ତେଣୁ ବନ୍ୟା କ୍ଷତିପୂରଣ ଓ ସମବାୟ ସମିତି ପକ୍ଷରୁ ତୁରନ୍ତ ଚାଷୀମାନଙ୍କୁ କୃଷି ଋଣ ଯୋଗାଇ ଦେବାକୁ ଦାବି ହେଉଛି । ପ୍ରକାଶ ଥାଉ କି ଏବେ ବି ପମ୍ପାଲୋ, କୁରୁଞ୍ଜିପୁର, ରାଜସ, ଆଳିସି ଶାସନ, ସୋମଣା ଓ ତୁରିନ୍ତିରା ପଞ୍ଚାୟତରେ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ସବୁ ଲୋକ ଘରକୁ ନଫେରିବା ପର୍ଯ୍ୟନ୍ତ ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଏବେ ପାନୀୟ ଜଳ ସମସ୍ୟାରେ ସୁଧାର ଆଣିବା ପାଇଁ ଉକ୍ତ ୬ ପଞ୍ଚାୟତରେ ଥିବା ପ୍ରାୟ ୪୦ ରୁ ୫୦ ନଳକୂପକୁ ବିଶୋଧନ କରାଯାଉଛି ।

## ଫିରିଙ୍ଗିଆ ବିଲୁପଦର ଗାଁରେ ଗୁଳିକାଣ୍ଡ ମାମଲା : ଦେଶୀ ବନ୍ଧୁକ ସହ ୪ ଅଭିଯୁକ୍ତ ଗିରଫ

କନ୍ଧମାଳ ,୨୪/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୁଆଁପଦର ପଂଚାୟତ ବିଲୁପଦର ଗାଁ ରେ ଘଟିଥିବା ଗୁଳିକାଣ୍ଡ ଘଟଣା ରେ ଫିରିଙ୍ଗିଆ ପୋଲିସ ଏକ ଦେଶୀ ବନ୍ଧୁକ ସହ ୪ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଦୁଇଜଣ ଅଭିଯୁକ୍ତ ଡ଼ିମିରିଗୁଡା ପଂଚାୟତ ଶ୍ରୀପଲା ଗାଁ ର ସଞ୍ଜୟ ସାହାଣୀ ଓ ସୁନ୍ଦର ସିଂ ସାହାଣୀ ବୋଲି ଜଣା ପଡ଼ିଥିବା ବେଳେ ଜଣେ ବାଡ଼ିଗୁଡା ଗାଁ ର ସୁମନ କହଁର ଓ ଅନ୍ୟ ଜଣେ ଅଭିଯୁକ୍ତ ପେଣଗିରି ଗାଁ ର ଅକ୍ଷୟ ବେହେରା ବୋଲି ଜଣାପଡିଛି । ଏହି ଘଟଣାରେ ପୋଲିସ ଫିରିଙ୍ଗିଆ ଥାନାରେ ୧୨୪/୨୦୨୨ ରେ ଏକ ମମଲା ରୁଜୁ କରି ସମସ୍ତ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରି ପି ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି । ଗତକାଲି ସନ୍ଧ୍ୟା ୫ ଟା ସମୟରେ ଏହି ବିଲୁପଦର ଗାଁରେ ହୋଇଥିବା ଗୁଳି କାଣ୍ଡରେ କାଣ୍ଡରେ ଜଣେ ୧୦ ବର୍ଷର ନାବାଳକ ସହ ଜଣେ ୨୨ ବର୍ଷର ଯୁବତୀ ଗୁରୁତର ଆହତ ହୋଇଥିଲେ । ବିଲୁପଦର ଗାର ମହେଶ୍ୱର ସାହାଣୀ ନାମକ ଜଣେ ବ୍ୟକ୍ତିଙ୍କ ଭଉଣୀ ପ୍ରଭାସିନୀ ସାହାଣୀ (୨୨ )ଓ ତାଙ୍କ ୧୦ ବର୍ଷର ପୁଅ ଶୋଭାଯନ ସାହାଣୀ ଘର ବାରଣ୍ଡାରେ ବସିଥିବା ବେଳେ ୪ ରୁ ପାଞ୍ଚ ଜଣ ବ୍ୟକ୍ତି ହଟାତ ଆସିମହେଶ୍ୱର ସାହାଣୀ ଙ୍କ ଭଉଣୀ ଓ ତାଙ୍କ ୧୦ ବର୍ଷ ର ପୁଅ ଉପରକୁ ବର୍ଅତର୍କିତ ଗୁଳି ଚଳାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ଫଳରେ ଦୁର୍ବୁତ ଙ୍କ ଗୁଳି ମାଡ଼ରେ ଉଭୟ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଘଟଣା ସ୍ଥଳରେ ଫିରିଙ୍ଗିଆ ଥାନା ଅଧିକାରି ପି ଶ୍ୟାମ ସୁନ୍ଦର ରାଓ ତାଙ୍କ ଟିମ ସହ ପହଂଚି ନିଜେ ପୋଲିସ ଗାଡ଼ିରେ ଆହତ ମାନଙ୍କୁ ପ୍ରଥମେ ନୂଆପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଆହତ ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ଅନ୍ୟପଟେ ପୋଲିସ ର କହିବା ଅନୁସାରେ ସୋମବାର ସକାଳୁ ଗୋରୁ ବ୍ୟବସାୟ କୁ କେନ୍ଦ୍ର କରି ମହେଶ୍ୱର ସାହାଣୀ ଓ ଶ୍ରୀପଲା ଗାଁ ର ସଞ୍ଜୟ ସାହାଣୀ ଙ୍କ ସହ ଗଣ୍ଡଗୋଳ ହୋଇଥିଲା । ଏହାକୁ କେନ୍ଦ୍ର କରି ସନ୍ଧ୍ୟା ସମୟରେ ଅଭିଯୁକ୍ତ ସଞ୍ଜୟ ସହ ଅନ୍ୟ ତିନି ଜଣ ଅଭିଯୁକ୍ତ ମହେଶ୍ୱର କୁ ଆକ୍ରମଣ କରିବା ପାଇଁ ତାଙ୍କ ଘରକୁ ଆସିଥିଲେ । ମହେଶ୍ୱର କୁ ଘରେ ନପାଇବାରୁ ଘର ବାଟରେ ବସିଥିବା ମହେଶ୍ୱର ଙ୍କ ପୁଅ ଓ ତାଙ୍କ ଭଉଣୀ ଙ୍କ ଉପରକୁ ଗୁଳି କରିଥିଲେ । ଘଟଣାସ୍ଥଳରେ ଫିରିଙ୍ଗିଆ ପୋଲିସ ପହଂଚି ତଦନ୍ତ ଜାରିରଖିଥିଲେ । ଘଟଣା ଘଟିବାର ମାତ୍ର ୧୬ ଘଣ୍ଟା ମଧ୍ୟରେ ଫିରିଙ୍ଗିଆ ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ଫିରିଙ୍ଗିଆ ପୋଲିସ କୁ ବିଭିନ୍ନ ମହଲ ରୁ ପ୍ରଶଂସା କରଯାଇଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇ ଥିବା ବେଳେ ପୋଲିସ ଲୋକଙ୍କୁ ଭୟଭିତ ନହେବା ପାଇଁ ଅନୁରୋଧ କରିଛନ୍ତି । ଗୁଳିକାଣ୍ଡ ଘଟାଇ ଥିବା ଦୃବୁର୍ତ୍ତ ମାନଙ୍କୁ ଧରିବାପାଇଁ ପ୍ରୟାସ ଆରମ୍ଭ କରିଛି । ବର୍ତମାନ ଆହତ ମନେ ବ୍ରହ୍ମପୁର ବଡ ମେଡିକାଳରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣା ପଡିଛି । ଅନ୍ୟପଟେ ଅଭିଯୁକ୍ତ ମନକୁ ଧରିବା ପାଇଁ ଥାନା ଅଧିକାରୀ ଙ୍କ ନେତୃତ୍ୱ ରେ ଏକ ଟିମ ଗଠନ କରଯାଇଥିଲା ଏହି ଟିମ ରେ ଅତିରିକ୍ତ ଥାନା ଅଧିକାରି ପ୍ରଦୀପ କୁମାର ରାଉଳ ଙ୍କ ସହ ଏସଏଇ ବିକାଶ କୁମର ଜାଳି, କୃଷ୍ଣଚନ୍ଦ୍ର ଗୌଡ଼ ଓ ଅନ୍ୟମାନେ ସାମିଲ ଥିଲେ ।

## ମନ୍ଦିର ଜମିକୁ ନେଇ ବିବାଦ

ଜୟପୁର,୨୪/୦୬ (ନି.ପ୍ର): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ର ସସାହାଣ୍ଡି ପଂଚାୟତରେ ମନ୍ଦିର ପୂଜା ଏବଂ ମନ୍ଦିର ଜମିର ମାଲିକାନାକୁ ନେଇ ଗାଁ ଗାଁ ମଧ୍ୟରେ ଲାଗି ରହିଛି ଗୋଷ୍ଠି ବିବାଦ । ଉଭୟ ଗୋଷ୍ଠିର ଶହ ଶହ ମହିଳା ଓ ପୁରୁଷ ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟରେ ପହଂଚି ମୁହାଁମୁହିଁ ହୋଇଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ବୋରିଗୁମ୍ମା ପୋଲିସ ପହଂଚି ଉଭୟ ଗୋଷ୍ଠିଙ୍କୁ ବୁଝାଶୁଝା କରୁଛି । ପଂଚାୟତର ବାମୁନିୟା ଗୁଡା ଏବଂ ବୈରାଗୀ ପଦର ଗାଁ ମଝିରେ ରହିଛି ମା ପଡାମହୁଲିଙ୍କ ମନ୍ଦିର ।ମନ୍ଦିରର ୧୨ ଏକର ଅଧେ ଜମି ରହିଛି । ସେଥିରୁ ୫ ଏକର ଜମି ମନ୍ଦିର ପୂଜା କରିଆସୁଥିବା ପୂଜାରୀ ଏବଂ ଦୁଇ ପୁଅଙ୍କ ନାମରେ ରହିଛି । ତେବେ ବମୁନିଆ ଗୁଡା ଗାଁର ଲୋକେ ମନ୍ଦିର ପୂଜକଙ୍କୁ ପରିବର୍ତ୍ତନ କରି ମନ୍ଦିର ଜମିର ମାଲିକାନା ମଧ୍ୟ ରଦ୍ଦ କରିବାକୁ ଜିଦ କରୁଛନ୍ତି । ସେପଟେ ବୈରାଗୀ ପଦର ଗାଁ ଲୋକେ ପୁରୁଣା ପୂଜକ ଦୀର୍ଘ ବର୍ଷ ଧରି ପୂଜା କରୁଛନ୍ତି ସେ ହିଁ ପୂଜକ ଭାବେ ରୁହନ୍ତୁ ବୋଲି ଦାବି କରୁଛନ୍ତି । ତହସିଲଦାର ଉଭୟ ଗାଁର ଗ୍ରାମବାସୀଙ୍କ ସହ ଅନେକ ଥର ଆଲୋଚନା କରିଥିଲେ ବି ଏହାର ସମାଧାନ ହୋଇପାରିନି ବୋଲି କହିଛନ୍ତି ତହସିଲଦାର ସୁବାସ ଚନ୍ଦ୍ର ରଉତ ।

## ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତି ପ୍ରଶାସନର ଉଦାସୀନତା : ଅସମାଜିକ ଯୁବକଙ୍କ ଉନ୍ମତ କାଣ୍ଡ

ନୂଆପଡ଼ା,୨୪/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ୱଂୟଶାସିତ ମହାବିଦ୍ୟାଳୟ ପ୍ରତି ପ୍ରଶାସନ ତଥା ପୋଲିସ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏହା ଅସମାଜିକ ଯୁବକ ମାନଙ୍କ ଚରାଭୂଇଁ ପାଲଟିଛି । ଗତକାଲି ରାତ୍ରି ସମୟରେ ଅସମାଜିକ ପ୍ରବୃତିର ଯୁବକ ମାନେ ଉନ୍ମତ କାଣ୍ଡ ଭିଆଇଛନ୍ତି । ଖଡିଆଳ ସ୍ୱଂୟଶାସିତ ବିଦ୍ୟାଳୟର ପଡିଆ ମଧ୍ୟରେ ଥିବା ଗେଲେରି ଗେଟକୁ ଭାଙ୍ଗି ଦେଇଥିବାବେଳେ ଗେଲେରି ଉପରକୁ ପଶି ଗେଲେରିର ଚତୁପାର୍ଶ୍ୱ ପାଚେରିର ଖମ୍ବକୁ ମଧ୍ୟ ଭାଙ୍ଗି ଚୁରମାର କରିଦେଇଛନ୍ତି, ଯାହାକି କଲେଜର ସୌନ୍ଦ୍ୟର୍ଯ୍ୟ ନଷ୍ଟ ହେବା ସହ ଲକ୍ଷାଧିକ ଟଙ୍କାର ସଂପତି ନଷ୍ଟ ହୋଇଛି । ମହାବିଦ୍ୟାଳୟ ପ୍ରତି ନା କଲେଜ କର୍ତୃପକ୍ଷ ନା ଜିଲ୍ଲା ପ୍ରଶାସନ ନା ପୋଲିସ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହାନ୍ତି । ସୂଚନାଯୋଗ୍ୟ ଯେ, ନୂଆପଡା ଜିଲ୍ଲାର ଐତିହାସିକ ଖଡିଆଳ ସ୍ୱଂୟଶାସିତ ମହାବିଦ୍ୟାଳୟ ଜିଲ୍ଲାର ଏକ ମାତ୍ର ସର୍ବ ପୁରାତନ ସ୍ୱଂୟଶାସିତ ବିଦ୍ୟାଳୟ ଅଟେ । ଏଥିରେ ଫୁଟବଲ ଖେଳ ଠାରୁ ନେଇ ଭଲିବଲ, ଜିମ ଭଳି ମଲଟି ଖେଳ ପଡିଆ ରହିଛି । ପ୍ରତିଦିନ ଖଡିଆଳର ବୟସ୍କ ଠାରୁ ଯୁବକ ମାନେ ସକାଳେ ଓ ସନ୍ଧ୍ୟାକାଳୀନ ଭ୍ରମଣରେ ଆସୁଥିବାବେଳେ ହେଲଥ କ୍ଲବ ଟିମ ଗେଲେରି ଉପରେ ଯୋଗାଭ୍ୟାସ କରନ୍ତି । ଏହା ପୂର୍ବରୁ ଗେଲେରି ଉପରେ ଅନେକ ଥର ପାନ ଛେପ ଠାରୁ ନେଇ ସିଗାରେଟ ବିଡି ପକେଇବା ସହ ଗୁଟଖା ଜରି ପଡିଥିବା ନଜିର ରହିଛି । ସେହିଭଳି କଲେଜ ପଡିଆରେ ମଦ ବୋତଲ ପାଣି ପାଉଚ ଓ କଣ୍ଡୋମ ପଡି ରହିବା ନିତ୍ୟ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ବିଗତ ଦିନରେ ଗାର୍ଲସ ହଷ୍ଟେଲର ସିସି ଟିଭି ଚୋରୀ ହେବାସହ କଲେଜର ପାଣି ଟେପ ନିତ୍ୟ ଦିନ ଚୋରୀ ହେଉଅଛି । ସବୁଠାରୁ ପରିତାପର ବିଷୟ, ଖଡିଆଳ କଲେଜର କିଛି ଅଧ୍ୟାପକ କିଛି କଲର ଓ ଷ୍ଟାଇଲସ, ଏସି ମେସିନ, ଟେବୁଲ ଚେୟାରକୁ ମଧ୍ୟ ନେଇ ନିଜେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ଆଶ୍ଚର୍ଯ୍ୟର ବିଷୟ କଲେଜର ବହୁ ମୂଲ୍ୟବାନ ଗଛକୁ କାଟି କଲେଜ କେନଟିନ ଚୁଲିରେ ଭୋଜନ ପ୍ରସ୍ତୁତ ହେଉଥିବା ଦେଖାଯାଉଛି । ହେଲେ ପ୍ରଶାସନ ଏଥିପ୍ରତି ଆଖି ବୁଜିଦେବା କେତୁ ଦୂର ଯୁକ୍ତିଯୁକ୍ତ, ପ୍ରଶାସନ ଏ ଦିଗରେ ଦୃଷ୍ଟି ନଦେଲେ ଆଗାମି ଦିନରେ ପୁରାତନ ଛାତ୍ର ମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ବୋରିଗୁମ୍ମାରେ ବ୍ୟାପିଲା ଝାଡ଼ାବାନ୍ତି

ଜୟପୁର,୨୪/୦୬ (ନି.ପ୍ର): କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ ପରେ ଏବେ ବୋରିଗୁମ୍ମା ବ୍ଲକରେ ବ୍ୟାପିଛି ଝାଡ଼ାବାନ୍ତି । ବ୍ଲକର ହରଡ଼ାଗୁଡା ପଚାଂୟତରେ ବ୍ୟାପିଛି ଝାଡାବାନ୍ତି । ସପ୍ତାହକ ମଧ୍ୟରେ ଡମ୍ବ ତୁରୁଞ୍ଜି ଗାଁର ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେହି ଗ୍ରାମରୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଡମ୍ବ ତୁରୁଞ୍ଜି ଗାଁରୁ ଗତକାଲି ୧୦ ଆକ୍ରାନ୍ତ ବୋରିଗୁମ୍ମା ମେଡିକାଲରେ ଭର୍ତି ହୋଇଥିବା ବେଳେ ଆଜି ପୁଣି ସେହି ଗାଁର ଜଣକୁ ବୋରିଗୁମ୍ମା ମେଡିକାଲରେ ଭର୍ତି କରାଯାଇଛି । କୁମୁଲି ମେଡିକାଲରେ ଏହି ଗ୍ରାମର ୪ ଜଣ ଆକ୍ରାନ୍ତ ଭର୍ତି ହୋଇଛନ୍ତି । ବ୍ଲକର ହରଡ଼ା ଗୁଡ଼ାରୁ ଆରମ୍ଭ ହୋଇଥିବା ଝାଡାବାନ୍ତି ଏବେ ସହରାଂଚଳ ପର୍ଯ୍ୟନ୍ତ ବ୍ୟାପିଲାଣି । ବୋରିଗୁମ୍ମା ପଂଚାୟତର ଦୁଲାଗୁଡାରୁ ବି ଝାଡାବାନ୍ତି ଆକ୍ରାନ୍ତ ବୋରିଗୁମ୍ମା ମେଡିକାଲରେ ଭର୍ତି ହେଲେଣି । ଝାଡାବାନ୍ତିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଟିମ ୨୦ ଦିନ ହେବ ଗାଁ ରେ ରହିଛି । ହେଲେ ବି ନାକେଦାମ ସ୍ୱାସ୍ଥ୍ୟ ବିଭାଗ । ଝାଡାବାନ୍ତିର କାରଣ ଦୂଷିତ ପାଣି ବୋଲି ଅଭିଯୋଗ କରିଥିଲେ ବି ପ୍ରଶାସନିକ ସ୍ତରରେ ପାଣିର ଟେଷ୍ଟ କରାଯାଉନାହିଁ । ଦଳେଇ ପଦର, ଚାନ୍ଦବେଢ଼ା, ଗରୁଡ ଗଛ, ପଟା ରାଗିଣି, ଦଳେଇ ପଦର, ପାଟିଆ ଶୀଳ ଅଂଚଳକୁ ଯାଇ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଯାଂଚ୍ କରି ଔଷଧ ବଂଟନ କରୁଛନ୍ତି ଡାକ୍ତରୀ ଦଳ । ଏଥିସହ ସେମାନେ ଏନେଇ ଲୋକଙ୍କୁ ସଚେତନ ମଧ୍ୟ କରୁଛନ୍ତି ।

## ରକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର,୨୪/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ରକ୍ଷକ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଲୋଇସିଂହା ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଭାସ କୁମାର ବାଗଲାଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଓ ସମ୍ମାନିତ ଅତିଥି ଭାବରେ ଲୋଇସିଂହା ତହସିଲଦାର ସମ୍ପୂର୍ଣ୍ଣା ନନ୍ଦ ବେଜ୍, ଲୋଇସିଂହା ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ଲୋଇସିଂହା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଗୋଲଡେନ୍ ଆୱାର କୁହାଯାଏ । ଏହି ସମୟ ମଧ୍ୟରେ ଆହତ ବ୍ୟକ୍ତିକୁ ଡାକ୍ତରଖାନା ପହଞ୍ଚାଇ ପାରିଲେ ଆହତ ବ୍ୟକ୍ତିକୁ ବଞ୍ଚାଯାଇ ପରିବ । ଫାଷ୍ଟ ରେଷ୍ପଣ୍ଡର ଭାବରେ ପିଡିତଙ୍କ ପାଇଁ ଜରୁରୀ କାଳିନ ସହାୟତା ବ୍ୟବସ୍ଥା କରିବାକୁ ୧୧୨କୁ କଲ କରିବା ପାଇଁ ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ରାସ୍ତା କଡରେ ଥିବା ଚା ଦୋକାନି, ପାନ ଦୋକାନି ତଥା ସ୍ୱେଚ୍ଛାସେବୀମାନେ ତାଲିମ ଗ୍ରହଣ କରିଥିଲେ । ତାଲିମଦାତା ଭାବରେ ରାମ ନାରାୟଣ ଦାଶ, ଦୁର

# ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି

ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍‌ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । ସକାଶେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ୍ୟ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।

# ଗଛ ବି ସଚେତନ

ମଣିଷ ଯେକୌଣସି ବିପଦ ପଡ଼ିଲେ ତାହାକୁ ସାମ୍ନା କରେ ବା ପ୍ରତିହତ କରିବାକୁ ଚେଷ୍ଟା କରିଥାଏ । ଠିକ୍ ସେମିତି ଗଛ ମଧ୍ୟ ବିପଦକୁ ପ୍ରତିହତ କରିବାର କ୍ଷମତା ରଖିଥାଏ । ଯଦି କୌଣସି ପୋକ କିମ୍ବା ମାରାତ୍ମକ କୀଟ ଦ୍ୱାରା ଆକ୍ରାନ୍ତ ହୁଏ, ତା' ହେଲେ ନିଜେ ତାକୁ ସମ୍ଭାଳିନେବାକୁ ଚେଷ୍ଟା କରେ । ଏମିତିକି ଗଛ ବିପଦର ସମ୍ମୁଖୀନ ହୋଇଛି ବୋଲି ସୂଚନା ମଧ୍ୟ ଦିଏ ।

ସାଙ୍କେତିକ ଭାବରେ ପତ୍ର ନାଲି ପଡ଼ିବା କି ମୋଡ଼ି ମୋଡ଼ି ହୋଇଯିବା, ଝାଉଁଳି ପଡ଼ିବା ଆଦି ଲକ୍ଷଣର ମଧ୍ୟ ଦେଖାଇଥାଏ । ଫଳ ସ୍ୱରୂପ ଫଳ କି ପନିପରିବା ଗଛ ହୋଇଥିଲେ, ତାହାର ନିରାକରଣ କରିବାକୁ ଆମେ ଆଗଭର ହେଉଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେଇ ନଥାଉ ।

ରୋଗପୋକ ଦାଉରୁ ନିଜକୁ ରକ୍ଷା କରିବାକୁ ଫିନୋଲିକ୍ସ ନାମକ ଏକ ରାସାୟନିକ ପଦାର୍ଥ ତା' ପତ୍ରରୁ କ୍ଷରଣ କରିଥାଏ ଗଛଟିଏ ।

## ସ୍ୱାସ୍ଥ୍ୟ ଟିପ୍ସ

ଅଧ ରାତିରେ ନିଦ ଭାଙ୍ଗିବାକୁ ନେଇ ଅନେକ ବ୍ୟସ୍ତ ହୁଅନ୍ତି । ଏହାକୁ ରୋଗ ଭାବନ୍ତି । ତେବେ, ଏହା ରୋଗ ନୁହେଁ । ରାତିରେ ନିଦ ଭାଙ୍ଗିବା ସହ ସ୍ୱାସ୍ଥ୍ୟର ବିଶେଷ ସଂପର୍କ ନାହିଁ । ଏହା ପ୍ରାକୃତିକ । ବିଦ୍ୟୁତ୍ ଶକ୍ତିର ବ୍ୟବହାର ପୂର୍ବରୁ ମଣିଷ ରାତିରେର ଦୁଇ ଥର ଶୋଉଥିଲା । ତା'ର ରାତ୍ରିକାଳୀନ କାର୍ଯ୍ୟକଳାପ, ତାରାଙ୍କୁ ଦେଖି ହେଉଥିଲା । ସାଧାରଣର ଭାବେ ସନ୍ଧ୍ୟା ପରେ ପରେ ମଣିଷ ଶୋଇଯାଉଥିଲା । ଦୁଇ-ଚାରି ଘଣ୍ଟା ପରେ ଉଠି ଆବଶ୍ୟକ ସ୍ଥଳେ ଖାଉଥିଲା-ପିଉଥିଲା; ଭଗବାନଙ୍କୁ ପ୍ରାର୍ଥନା କରୁଥିଲା; ଜହ୍ନ ଆଲୁଅରେ ହୋଇପାରିବା ଭଳିକାମ କରୁଥିଲା । ରାତ୍ରିରେ ଶୁକ୍ର ତାରାର ସମୟ (ରାତି ତିନିଟା)ରେ ମଧ୍ୟ ମଣିଷର ନିଦ ସ୍ୱାଭାବିକ ଭାବେ ଭାଙ୍ଗୁଥିଲା । ତେଣୁ, ରାତିରେ ନିଦ ଭାଙ୍ଗିବା ରୋଗ ନୁହେଁ । ମଣିଷର ଅବଚେତନାରେ ଏହା ରହିଛି । ଏହାର ପ୍ରମାଣ ଇତିହାସ, ସାହିତ୍ୟ, ମେଡିକାଲ୍ ରେକର୍ଡ୍ ଆଦିରୁ ମିଳେ ।

# ବାସ୍ତୁ ଦୋଷ ଦୂର କରେ ସିନ୍ଦୂର

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।

♦ ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ୍ୟ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

# ଶସ୍ତା ଆପାତକାଳ ଭେଣ୍ଟିଲେଟର

ସାଧାରଣ ଗୁଣବତ୍ତାଯୁକ୍ତ ଉପକରଣ ବ୍ୟବହାର କରି ଆମେରିକୀୟ ବୈଜ୍ଞାନିକମାନେ ଏକ ଆପାତକାଳୀନ ଭେଣ୍ଟିଲେଟର ପ୍ରସ୍ତୁତ କରିଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ ନ ଥିବାବେଳେ କିମ୍ବା ଯୋଗାଣରେ ସମ୍ଭବ ହେଉନଥିବାବେଳେ ଏହି ଉଦ୍ଭାବନ କୋଭିଡ-୧୯ ପୀଡ଼ିତଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବ । ଏହି ଭେଣ୍ଟିଲେଟର୍‌ର ମୂଲ୍ୟ ୪ ଶହ ଆମେରିକୀୟ ଡଲାରରୁ କମ୍ । ସବୁଠୁ ସରଳ ଭେଣ୍ଟିଲେଟର୍‌ରେ ଡାକ୍ତରମାନେ ହାତରେ ଏକ ସ୍ୱୟଂଚାଳିତ ଥଳିକୁ ଦବାଇଥାନ୍ତି, ଯାହା ଦ୍ୱାରା ପବନ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ଯାଇଥାଏ । ଅନ୍ୟପକ୍ଷେ ଅତ୍ୟାଧୁନିକ ସ୍ୱୟଂଚାଳିତ ଭେଣ୍ଟିଲେଟରଗୁଡ଼ିକରେ ଏକାଧିକ ପାରାମିଟର ନିୟନ୍ତ୍ରଣ ନିମନ୍ତେ ଜଟିଳ ଇଲେକ୍ଟ୍ରାନିକ୍ସ ପ୍ରୟୋଗ କରାଯାଇଥାଏ । କିନ୍ତୁ ସଦ୍ୟ ବିକଶିତ ଏହି ଭେଣ୍ଟିଲେଟର ସେ ମାମଲାରେ ଖୁବ୍ ଶସ୍ତା ଏବଂ ଏଥିରେ ସଂଲଗ୍ନ ସେଲ୍‌ଫି-ଇନ୍‌ଫ୍ଲାଟିଙ୍ଗ ଥଳି ଆପଣାଛାଏଁ କାର୍ଯ୍ୟକାରୀ ହୋଇଥାଏ । ଆମେରିକାର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଏହି ଉପକରଣ ପ୍ରସ୍ତୁତ କରିଛନ୍ତି । ଅଧ୍ୟୟନର ସହ ଲେଖକ ମାର୍ଟିନ୍ ବ୍ରିଡେନ୍‌ବାଚ କହନ୍ତି 'ଆମେ ଏକ ପ୍ରଭାବଶାଳୀ ତଥା ସରଳ ଉପକରଣ ନିର୍ମାଣ କରିବାକୁ ଚାହୁଁଥିଲୁ । ଭେଣ୍ଟିଲେଟର୍‌ର ଘୋର ଅଭାବ ଦୃଷ୍ଟିରେ ରହଖି ଏହାର ଏକ ବିକଳ୍ପ ବିକାଶ ପାଇଁ ଆମେ ଆଗ୍ରହୀ ହେଲୁ । ଯେତେ ଶୀଘ୍ର ସମ୍ଭବ ଏହି ଉପକରଣକୁ କାମରେ ଲଗାଇବାକୁ ଆମେ ଯୋଜନା କରୁଛୁ ।' ନିଜେ ନିଜେ ଶ୍ୱାସକ୍ରିୟା କରିପାରୁନଥିବା ରୋଗୀଙ୍କ ପାଇଁ ଭେଣ୍ଟିଲେଣ ଏକ ବରଦାନ ସଦୃଶ । କୋଭିଡ-୧୯ ଦ୍ୱାରା ଆକ୍ରାନ୍ତ ଗମ୍ଭୀର



ରୋଗୀଙ୍କ ପାଇଁ ଏହାର ଅଭାବ ଏକ ସାଧାରଣ ସମସ୍ୟା ହୋଇଛି ବୋଲି ଅଧ୍ୟୟନରେ ସାମିଲ ଗବେଷକମାନେ କହିଛନ୍ତି । ସଦ୍ୟ ବିକଶିତ ଉପକରଣଟି ଅମ୍ଳଜାନଯୁକ୍ତ ବାୟୁକୁ ଏକ ଟ୍ୟୁବ୍ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପର୍ଯ୍ୟନ୍ତ ପହଞ୍ଚାଏ । ଫୁସ୍‌ଫୁସ୍‌କୁ ପ୍ରସାରିତ କରି ଅମ୍ଳଜାନ ଗ୍ରହଣରେ ସାହାଯ୍ୟ କରେ । ଏହା ପରେ ଫୁସ୍‌ଫୁସ୍ ଆପଣାଛାଏଁ ସଙ୍କୁଚିତ ହୁଏ ଏବଂ ବାୟୁକୁ ପାଣି ଠେଲିଥାଏ । ବୈଜ୍ଞାନିକଙ୍କ ମତରେ, ସଦ୍ୟ ଉଦ୍ଭାବନ ଏକ ସରଳ ମଡେଲ ଉପରେ ଆଧାରିତ, ଫଳରେ ଏଥିରେ ଥିବା ଥଳିଟି ଆପଣାଛାଏ ସଙ୍କୁଚିତ ହୁଏ । ମେଡିକାଲ ଉପକରଣର ଅଭାବଯୁକ୍ତ ମଧ୍ୟ ଓ ନିମ୍ନ ଆୟବର୍ଗର ଦେଶମାନଙ୍କ ପାଇଁ ଏହା ଖୁବ୍ ସହାୟକ ହୋଇପାରିବ ବୋଲି ଅଧ୍ୟୟନକର୍ତ୍ତା କହିଛନ୍ତି ।

# ନଡ଼ିଆ ଖାଇବାର ଉପକାରିତା

ନଡ଼ିଆକୁ ଆମେ ଶ୍ରୀଫଳ ବୋଲି କହିଥାଉ । ଧାର୍ମିକ ଭାବେ ଶ୍ରୀଫଳ ବୋଲି କୁହାଯାଉଥିବା ଏହି ଫଳରେ ରହିଛି ଅନେକ ବୈଜ୍ଞାନିକ ଗୁଣ । ଓଜନ ହ୍ରାସରୁ ନେଇ ଉତ୍ତମ ହଜମ ପ୍ରକ୍ରିୟା ପର୍ଯ୍ୟନ୍ତ ସବୁ କିଛି ସୁଧୁରିଯାଏ ଏହି ଫଳକୁ ଖାଇବା ଦ୍ୱାରା । ଏହି ଫଳକୁ ଖାଇବା ପାଇଁ କୌଣସି ଋତୁର ଆବଶ୍ୟକ ନଥାଏ । ଏହା ଏକ ସର୍ବକାଳୀନ ଫଳ । ଆପଣ ନଡ଼ିଆକୁ ବର୍ଷା, ଶୀତ, ଗ୍ରୀଷ୍ମ ସବୁ ଋତୁରେ ଖାଇପାରିବେ । ଏହାର ବିଶେଷତ୍ୱ ହେଉଛି ଏହା ସବୁ ଋତୁରେ ଉପଲବ୍ଧ ହୋଇଥାଏ ।

ଗୋଟାଏ ଫଳ, ହେଲେ ଏହାକୁ ବିଭିନ୍ନ ପ୍ରକାରର ବ୍ୟବହାର କରିପାରିବେ ଆପଣ । ନଡ଼ିଆ କେବଳ ପାଟିକୁ ସୁଆଦ ଲାଗୁଥିବା ପରି ଏକ ଫଳ ନୁହେଁ, ବରଂ ଏଥିରେ ଅନେକ ଭଲ ଗୁଣ ରହିଛି, ଯାହାକି ଶରୀର ପାଇଁ ଖୁବ୍ ଉପକାରୀ । ନଡ଼ିଆରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି । ଭିଟାମିନ୍ ବି ମଧ୍ୟ କିଛି ପରିମାଣରେ ରହିଛି ଏଥିରେ । କେତେକ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ ଥିବା ଏହି ଫଳକୁ ଖାଇବା ଦ୍ୱାରା ଶରୀର ଫୂର୍ତ୍ତି ହୋଇଥାଏ । ନଡ଼ିଆରେ ଥିବା ଗ୍ୟାଗ୍‌ନେସିୟମ୍ ହାଡ଼କୁ ଶକ୍ତ କରିବାରେ ସହାୟ ହୋଇଥାଏ । ଏଥିରେ କପର ଓ ଆଇରନ୍ ମଧ୍ୟ ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ଆମ ସେଲ୍‌କୁ ସୁରକ୍ଷା ଦେଇଥାଏ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ



ହୃଦ୍‌ରୋଗୀମାନଙ୍କ ପାଇଁ ନଡ଼ିଆ ଖାଇବା ବହୁତ ଭଲ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ସମ୍ଭାବନା କମ୍ ରହିଥାଏ । ଏହା ପେଟରେ ଥିବା ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ମଧୁମେହ ଓ ହୃଦ୍‌ରୋଗର କାରଣ ହୋଇଥିବାରୁ ନଡ଼ିଆ ଖାଇବା ଦ୍ୱାରା ଏହି ଦୁଇ ରୋଗକୁ ଦୂରେଇ ଦେଇ ହେବ । ନଡ଼ିଆ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହଜମ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ । ଦୈନିକ ଏହାକୁ ଖାଇଲେ ଅନେକ ରୋଗକୁ ଦୂରେଇ ଦେଇ ହେବ ।

# ଗୁରୁବାରେ ବୃହସ୍ପତି ବ୍ରତ

ମାନସିକ ଚିନ୍ତା ଓ ସମସ୍ୟା ଦେଇ ଗତି କରୁଥିଲେ ଗୁରୁବାର ଦିନ ବୃହସ୍ପତି ବ୍ରତ କରନ୍ତୁ । ଏହାଦ୍ୱାରା ବୃହସ୍ପତିଙ୍କ କୃପାରୁ ଆପଣଙ୍କର ମାନସିକ ଚିନ୍ତା ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ପାଇବ ।

■ ଗୁରୁବାର ଦିନ ଗୁରୁ ବା ବୃହସ୍ପତି ଗ୍ରହର ବ୍ରତ ରଖିବ, ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିସାରିବା ପରେ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ । ବ୍ରତଧାରୀ ଲୁଣ ପଡ଼ି ନଥିବା ଖାଦ୍ୟ ଖାଆନ୍ତୁ । ହଳଦିଆ ରଙ୍ଗର ଖାଦ୍ୟ ଯଥା ଖେଚୁଡ଼ି, ଆମ୍ବ, କଦଳୀ ଆଦି ଖାଇବେ ।

■ ପୂଜା କରିବା ସମୟରେର ଏକ ଚୌକିରେ ହଳଦିଅ ରଙ୍ଗ କପଡ଼ା ବିଛାଇ, ତାହା ଉପରେ ବୃହସ୍ପତିଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ପୂଜା କରନ୍ତୁ ।

■ ହଳଦିଆ ଚନ୍ଦନ, ହଳଦୀ ଚାଉଳ, ହଳଦିଆ ରଙ୍ଗର ଫୁଲ ଓ ହଳଦିଆ ରଙ୍ଗର ଲଡୁ ପୂଜାରେ ବ୍ୟବହାର କରନ୍ତୁ । ଏହାସହ ଗୁରୁବାର ବ୍ରତ କଥା ପଢ଼ନ୍ତୁ କିମ୍ବା ଶୁଣନ୍ତୁ ।

■ ପୂଜା ସଂପୂର୍ଣ୍ଣ ହେବା ପରେ ନିଜ ମୁଣ୍ଡରେ ହଳଦୀ ତିଲକ ଲଗାଇଲେ ଶୁଭ ଫଳ ମିଳିଥାଏ ।

■ 'ଓଁ ବୃହସ୍ପତି ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ ।

■ ହଳଦୀ, ଚଣା ଡାଲି, ଆମ୍ବ କଦଳୀ, ସୁନା ପରି ହଳଦିଆ ରଙ୍ଗର ପଦାର୍ଥ ଗରିବଙ୍କୁ ଦାନ କରନ୍ତୁ ।

■ ଗୁରୁବାର ଦିନ ଗୋମାତାଙ୍କୁ ରୁଟି ଓ କଞ୍ଚା ଚଣାଡାଲି ମିଶାଇ ଖାଇବାକୁ ଦିଅନ୍ତୁ ।

■ ଏହିଦିନ ହଳଦୀ ମିଶା ପାଣି କଦଳୀ ଗଛ ମୂଳରେ ଢାଳନ୍ତୁ ।

■ ଏହାପରେ ସନ୍ଧ୍ୟା ସମୟରେ କଦଳୀ ଗଛ ମୂଳରେ ଘିଅ ଦୀପ ଜଳାନ୍ତୁ ।

ଏହାଦ୍ୱାରା ବୃହସ୍ପତି ପ୍ରସନ୍ନ ହୋଇଥାନ୍ତି ।

# ସୁଜି ପରଟା

**ଆବଶ୍ୟକ ସାମଗ୍ରୀ:**

**ସୁଜି, ତେଲ, ଅଟା, ଲୁଣ, ଘିଅ**

***ପ୍ରସ୍ତୁତି ପ୍ରଣାଳୀ:*** ପ୍ରଥମେ କରେଇକୁ ଗରମ କରନ୍ତୁ । କରେଇ ଗରମ ହେବାପରେ ସେଥିରେ ସୁଜି ପକାଇ ଦିଅନ୍ତୁ । ପରେ ସେଥିରେ ଘିଅ ପକାଇ କିଛି ସମୟ ଭାଜନ୍ତୁ । ସୁଜି ଭାଜି ହୋଇଗଲା ପରେ ସେଥିରେ ପାଣି ପକାଇ କିଛି ସମୟ ଜନ୍ତି ଦିଅନ୍ତୁ । ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଦିଅନ୍ତୁ ।

ସୁଜିର ଜନ୍ତୁଣି ହୋଇଗଲା ପରେ ତାକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ । ତାକୁ ଥଣ୍ଡା ହେବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତି । ଥଣ୍ଡା ହୋଇଗଲା ପରେ ସେଥିରେ ଅଳ୍ପ ଅଟା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ଏହାପରେ ପରଟା କରିବା ପାଇଁ ଗୋଳା କରନ୍ତୁ । ପରେ ଏହାକୁ ପରଟା ଆକାରରେ ବେଲି ଦିଅନ୍ତୁ ।

ପୁଣି ତାୱାକୁ ଗରମ କରନ୍ତୁ । ତାୱା ଗରମ ହେଲା ପରେ ସୁଜି ପରଟାକୁ ସେଥିରେ ପକାଇ ଦିଅନ୍ତୁ । ଏହା ଉପରେ ଘିଅ ପକାଇ ଓଲଟାଇ ଦିଅନ୍ତୁ । ପରଟାର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ପ୍ଲେଟକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ପରଟା । ଏହାକୁ ଆପଣ ତରକାରୀ ଓ ଚଟଣି ସହ ଖାଇ ପାରିବେ ।

# ଥାଳିରେ ଫୋନ୍ ପାଇଁ ସ୍ଥାନ

ଶୀର୍ଷକଟି ଅଜବ ମନେହେଉଥିବ । କିନ୍ତୁ ଏହା ସତ । ବର୍ତ୍ତମାନ ସମୟରେ ଫୋନ୍ ଆମ ଜୀବନରର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ଦିନସାରା ଫୋନ୍ ସ୍କ୍ରଲ୍ କରୁଥିଲେ ମଧ୍ୟ ଜମାରୁ ବୋର୍ ଲାଗୁନାହିଁ । କାମ ସହିତ ସୋସିଆଲ ମିଡିଆରେ ଆକ୍ଟିଭ୍ ରହିବାକୁ ଲୋକେ ମଲ୍ଟି ଟାସ୍କିଙ୍ଗ୍ ବୋଲି କହୁଛନ୍ତି । କିନ୍ତୁ ଖାଇବା ସମୟରେ ଯଦି ଡାଲି କିମ୍ବା ତରକାରୀରେ ଫୋନ୍ ପଡ଼ିଯାଏ, ତେବେ କ'ଣ କରିବେ ? ଏହି ସମସ୍ୟାରର ଉପଯୁକ୍ତ ସମାଧାନ ହେଉଛି 'ମଡର୍ନ ଥାଳି' । ଗୋଟିଏ ଟ୍ରେରେ ସାଧାରଣତଃ ରୁଟି, ଡାଲି, ଭାତ, ଦହି, ସାଲାଡ୍ ଓ ମିଠା ଆଦି ଅଲଗା ଅଲଗା ବ୍ୟଞ୍ଜନ ପାଇଁ ଅଲଗା ସ୍ଥାନ ଥାଏ । କିନ୍ତୁ ଏହି ମର୍ଡନ ଥାଳିର ଫଟୋ ଏବେ ସୋସିଆଲ ମିଡିଆରେର ଖୁବ୍ ଭାଇରାଲ ହେଉଛି, ଯେଉଁଥିରେ ଜଣେ ବ୍ୟକ୍ତି ଖାଦ୍ୟର ମଜା ନେବା ସହିତ ଫୋନ୍ ବ୍ରାଉଜ୍ କରୁଛନ୍ତି । ଫୋନ୍‌ଟିକୁ ସେ ଉକ୍ତ ଟ୍ରେ ଭିତରେ ରଖିଛନ୍ତି ଏବଂ ଖାଇବା ସହିତ ଫୋନ୍ ସ୍କ୍ରଲ୍ କରୁଛନ୍ତି । ଏଥିରେ ଫୋନ୍ ପାଇଁ ଅଲଗା ସ୍ଥାନ ରହିଛି । କ୍ରିକେଟର ହରଭଜନ ସିଂହ ଏହି ଫଟୋ ନିଜ ଟ୍ୱିଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି ଏବଂ କ୍ୟାପ୍‌ସନ ଲେଖିଛନ୍ତି 'ଫୋନ୍ ପାଇଁ

ଅଲଗା ସ୍ଥାନଯୁକ୍ତ ମର୍ଡନ ଥାଳି' । ଶେୟାର ହେବା ପରଠୁ ଟ୍ୱିଟ୍‌କୁ ୨୦ ହଜାରରୁ ଉର୍ଦ୍ଧ୍ୱ ଲାଇକ୍ ମିଳିଛି । ଖାଇବାବେଳେ ଫୋନ୍ ଅପରେଟ୍ କରିବାର ଏହି ହଟ୍‌କେ ସମାଧାନକୁ ନେଇ ୟୁଜର୍ ଭିନ୍ନ ଭିନ୍ନ ମତ ଦେଇଛନ୍ତି । କେହି କେହି ଲେଖିଛନ୍ତି- ଥାଳି ପୁରୁଣା କିନ୍ତୁ ଫୋନ୍ ରଖିବାର ବିଚାର ନୂଆ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ନେତୃତ୍ୱରେ କଂଗ୍ରେସ...

ଦେଶର ସର୍ବପୁରାତନ ଦଳ କଂଗ୍ରେସ ବିଷମ ସ୍ଥିତି ଦେଇ ଗତି କଲା ଭଳି ହୋଇଛି । ଏହାର ନେତୃତ୍ୱ ସଠିକ୍ ତଥା ଉପଯୁକ୍ତ ଦେବାରେ ଏକପ୍ରକାର ସମର୍ଥ ହେଉନଥିବାର ଦର୍ଶାଯାଉଥିବାରୁ ଜଣେ ଅଣ-ଗାନ୍ଧି ନେତା ଦଳର ନେତୃତ୍ୱ ନେବା କଥା ଚର୍ଚ୍ଚାକୁ ଆସିଲାଣି । ବର୍ଷ ବର୍ଷ ଧରି ନେହରୁ-ଗାନ୍ଧି ପରିବାର କଂଗ୍ରେସକୁ ନେତୃତ୍ୱ ଦେଇ ଆସୁଥିଲେ । ମଝିରେ ନରସିଂହ ରାଓ, ସୀତାରାମ କେଶରୀଙ୍କ ଭଳି କିଛି ନେତା ଦଳର ମୁଖ୍ୟ ରହିଥିଲେ ସୁଦ୍ଧା ସଂଗଠନର ପରୋକ୍ଷ ନେତୃତ୍ୱ ଗାନ୍ଧି ପରିବାର ପାଖରେ ରହୁଥିଲା । ବହୁ ବର୍ଷ କଂଗ୍ରେସ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ କ୍ଷମତାରେ ରହିବା ପରେ ଏବେ ସ୍ଥିତି ପୁରାପୁରି ଅଲଗା ହୋଇଛି । ଭାରତୀୟ ଜନତା ପାର୍ଟି କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ କ୍ଷମତାରେ ରହିଛି । ଗୋଟେ- ଅଧେ ରାଜ୍ୟରେ କଂଗ୍ରେସ କ୍ଷମତାରେ ରହିଥିବାର ଦେଖୁବାକୁ ମିଳୁଥିବା ସମୟରେ ଝାଡ଼ଖଣ୍ଡ ଭଳି କିଛି ରାଜ୍ୟରେ ଅନ୍ୟ ଦଳଙ୍କ କାନ୍ଧରେ ଚଢୁଅ ହୋଇ ପରୋକ୍ଷ କ୍ଷମତା ଉପଭୋଗ କରୁଛି । କେଉଁ ଅଣ-ଗାନ୍ଧି ନେତା କଂଗ୍ରେସକୁ ନେତୃତ୍ୱ ଦେଇ ପାରିବେ ? ଚର୍ଚ୍ଚାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ମଲ୍ଲିକାର୍ଜନ ଖଗେ ଅଛନ୍ତି । ସେହି ଭଳି ଦଳିତ ଚେହେରା ସୁଶୀଲ ସିନ୍ଦେଙ୍କ ନାମ ଚର୍ଚ୍ଚାରେ ରହିଛି । ସେମାନଙ୍କ ବ୍ୟତୀତ ଅମ୍ବିକା ସୋନି, କୁମାରୀ ଶୈଲଜାଙ୍କ ଭଳି କେତେକଙ୍କ ନାମ ଚର୍ଚ୍ଚାରେ ରହିଥିବା ଶୁଣାଯାଉଛି । ସେମାନେ ସମସ୍ତେ ଗାନ୍ଧି ପରିବାରର ଅନୁଗତ । ଅର୍ଥାତ୍ ଆନୁଗତ୍ୟର କଷଟିରେ ସେମାନେ ପରୀକ୍ଷିତ ବୋଲି କୁହାଯାଇ ପାରିବ । ଗାନ୍ଧି ପରିବାର ନେତୃତ୍ୱ ଛଡ଼ା ଆଉ କାହାରିକୁ ନେତୃତ୍ୱ ଦେବାରେ ରାହୁଲ ଓ ପ୍ରିୟଙ୍କାଙ୍କର ଆପତ୍ତି ରହିଛି । ତେଣୁ ନେତୃତ୍ୱ ପରିବର୍ତ୍ତନ ନେଇ ତୁରନ୍ତ କିଛି ଫଏସଲା ହୋଇଯିବ, ତାହା ଦିଶୁ ନାହିଁ । ସାମ୍ପ୍ରତିକ ନେତୃତ୍ୱ ନେଇ କଂଗ୍ରେସ ଦଳରେ ଜି-୨୩ ବିଦ୍ରୋହୀମାନଙ୍କର ବହୁ କଥା ରାସ୍ତାରେ ପଡ଼ି ଗଡ଼ଗଡୁଛି । ଗୁଲାମ ନବୀ ଆଜାଦ ଓ ଆନନ୍ଦ ଶର୍ମାଙ୍କ ଭଳି ଅନୁଭବୀ ନେତା ଅଣଦେଖା ଓ ଅପମାନିତ ହେଉଥିବାର ଅଭିଯୋଗ କରି ପ୍ରମୁଖ ଦଳୀୟ ପଦବି ଛାଡ଼ି ସାରିଥିବା ବେଳେ କପିଳ ଶିବଲ ଦଳ ଛାଡ଼ି ସମାଜବାଦୀ ପାର୍ଟି ଟିକଟରେ ରାଜ୍ୟସଭାରେ । ଅନ୍ୟ ବହୁ ନେତା କଂଗ୍ରେସ ସଂଗଠନ ଠାରୁ ଦୂରେଇଯିବା ପରେ ସଂଗଠନକୁ ସଜାଡ଼ି ମୁଖ୍ୟ ଗୁଳାକୁ ଆଣିବା କେଉଁ ନେତାଙ୍କ ଦ୍ୱାରା ସମ୍ଭବ ହେବ, ତାହା ପ୍ରମୁଖ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । ସମସ୍ତେ ୨୦୨୪ ସାଧାରଣ ନିର୍ବାଚନ ଉପରେ ନଜର ରଖିଛନ୍ତି । ଅଣ-କଂଗ୍ରେସ ଦଳମାନେ ନିଜ ତରିକା ଆପଣାଇବାରେ ବ୍ୟସ୍ତ । ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ବହୁ କୋଟି ଦୁର୍ନୀତି ଅଭିଯୋଗ ନେଇ ଛଟପଟ ସ୍ଥିତି ରେ । ତାଙ୍କ ସମ୍ପର୍କୀୟ ଅଭିଷେକଙ୍କୁ କିଭଳି ଥଇଥାନ କରିବେ, ସେହି ଚିନ୍ତାରେ ଅଛନ୍ତି । ଆଗାମୀ ନିର୍ବାଚନରେ ନୀତୀଶ କୁମାରଙ୍କୁ ମୋଦିଙ୍କ ପ୍ରତିପକ୍ଷ ଭାବେ ଭିଡ଼ାଇବା ଉଦ୍ୟମରେ ଅଛନ୍ତି ତେଜସ୍ୱୀ ଯାଦବ । ତେଣେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ହିଁ ମୋଦିଙ୍କ ବିରୋଧରେ ଉପଯୁକ୍ତ ପ୍ରଧାନମନ୍ତ୍ରୀ ଚେହେରା ଭାବେ ଉଭା ହେବେ ବୋଲି ଆପ୍ ପକ୍ଷରୁ କୁହାଯାଉଛି । ଆପ'ର ଏଭଳି କହି ବାର ଆଧାର ଦିଲ୍ଲୀ ଓ ପଞ୍ଜାବରେ ଦଳର ସଫଳ ପ୍ରଦର୍ଶନ ପଛରେ କେଜରିୱାଲଙ୍କ ଭୂମିକା ହୋଇଥିବା ସମୟରେ କଂଗ୍ରେସ ପାଖରେ ସେମିତି କାହାରି ଚେହେରା ଆପାତତଃ ନାହିଁ । ପ୍ରମୁଖ ପ୍ରସଙ୍ଗକୁ ନେଇ ଦେଶରେ କଂଗ୍ରେସ ଆନ୍ଦୋଳନ ଜାରି ରଖିଥିବା ବେଳେ ଇଡି, ସିବିଆଇ ସଂସ୍ଥାର ଯଥେଚ୍ଛା ପ୍ରୟୋଗ ବିରୋଧରେ ଜନମତ ସୃଷ୍ଟି ଉଦ୍ୟମ କରୁଛି । ମାତ୍ର ଜନସମର୍ଥନକୁ ପୁଞ୍ଜିକରି କିଭଳି କଂଗ୍ରେସ ନିଜ ସପକ୍ଷରେ ଲଗାଇ ପାରିବ, ତାହା ଅନେକ ପ୍ରଶ୍ନ ଛିଡ଼ା କରାଇଛି । ତାହାକୁ ଦେଖିଲେ ଭ୍ରଷ୍ଟାଚାରରେ ଲିପ୍ତ କୁହାଯାଉଥିବା ଦଳମାନେ ନୂଆ କରି ଉଭା ହେଉଥିବା ପ୍ରସଙ୍ଗ ବିଷୟରେ ସଚେତନ ରହି ଅଗ୍ରସର ହେବାକୁ କଂଗ୍ରେସକୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିପାରେ । କେବଳ ନେତା ବଦଳିଲେ ପ୍ରସଙ୍ଗ ବଦଳିଯିବ ନାହିଁ । ରାଷ୍ଟ୍ର ପରିଚାଳନାରେ ଅନୁଭବ ଓ ପ୍ରସଙ୍ଗ ଆଧାର ବେଶ୍ ଗୁରୁତ୍ୱପୂର୍ଣ୍ଣ । ଦୁଇଜଣ ସଂସଦରୁ ସର୍ବବୃହତ୍ ଦଳ ରୂପେ ଉଭା କରାଇବାରେ ବିଜେପି ଯେଉଁ ପ୍ରୟାସ କରିଛି, ତାହା ଅନୁକରଣୀୟ ଦୃଷ୍ଟାନ୍ତ ଛାଡ଼ିଛି । ତାହାକୁ ତାଳ ଦେଇ କଂଗ୍ରେସ ସଂଗଠନକୁ ନେତୃତ୍ୱ ଦେବାକୁ କିଭଳି ତ୍ୟାଗ କରିବାକୁ ହେବ, ତାହା ବିଚାରିବାର କଥା ।

# କବି ରାଧାମୋହନ ଗଡ଼ନାୟକ

ବିଶ୍ୱବିଜୟୀ ଦାଶ



ରାଧାମୋହନ ଗଡ଼ନାୟକ ଥିଲେ ଜଣେ ସଫଳ ଓ ପ୍ରତିଭାଶାଳୀ ଓଡ଼ିଆ କବି ।କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି ।ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ଥିଲେ ପରିଚିତ ।ଏହି ମହାନ କବି ଅଗଷ୍ଟ ମାସ ୨୫ ତାରିଖ ୧୯୧୧ ମସିହାରେ ରେ ଅନୁଗୁଳରେ ଜନ୍ମ ହୋଇଥିଲେ ।

ଅନୁଗୁଳ ର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସେ ପଢୁଥିବା ବେଳରେ 'ସହକାର' ପତ୍ରିକାର ସମ୍ପାଦକ ଲକ୍ଷ୍ମୀନାରାୟଣ ସାହୁଙ୍କ କବିତା ଆଡ଼କୁ ମନ ବଳାଇଥିଲେ ଓ କବିତା ଲେଖାଲେଖି ଆରମ୍ଭ କରିଥିଲେ ।ସେହି ସମୟରେ ତାଙ୍କ ରଚିତ କବିତା 'ମୁଁ କି କେବେ ଦୀନହୀନ' ଗଡ଼ଜାତ ବାସିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା ।ଉଚ୍ଚଶିକ୍ଷାରୁ ବଞ୍ଚିତ ରାଧାମୋହନ ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦେଇ ପ୍ରଭାବିତ ହୋଇଥିଲେ ଓ ଜାତି ଓ ଦେଶପ୍ରେମ ମୂଳକ ଅନେକ କବିତାବଳୀ ରଚନା କରିଥିଲେ ।୧୯୨୭ ବେଳକୁ ତାଙ୍କର ରଚିତ ଅନେକ କବିତା 'ସହକାର, 'ନବଯୁଗ, 'ପଞ୍ଚାମୃତ', 'ଉତ୍କଳ ସାହିତ୍ୟ', 'ଗଡ଼ଜାତ ବାସିନୀ' ଆଦି ପତ୍ରିକାରେ ପ୍ରକାଶିତ ହୋଇ ଅନେକ ଖ୍ୟାତି ଅର୍ଜନ କରିଥିଲା ।

ରାଧାମୋହନ ଗଡ଼ନାୟକ ଜଣେ ଆଧୁନିକ କବି । କିନ୍ତୁ ଜଣେ ଆଧୁନିକ କବି ହେଲେ ବି ତାଙ୍କ ଲୋକପ୍ରିୟତା ଓଡ଼ିଶାର ପ୍ରତିଟି ଶିକ୍ଷିତ ମହଲରେ ଏବଂ ପୁରପଲ୍ଲୀରେ ବ୍ୟାପି ଯାଇଥିଲା । ସେ ନିଜକୁ ଜଣେ ସଂଗ୍ରମୀ ପୁରୁଷ ଭାବେ ଅଭିହିତ କରୁଥିଲେ । ଗାଥା କବିତା ରଚନାକୁ ସେ ଏକ ନୂଆ ଦିଗ ଦେଇଥିଲେ । ଛନ୍ଦର ଲାଳିତ୍ୟ,କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ,ବିଷୟ ଚୟନରେ ସେ ଥିଲେ ଅନନ୍ୟ ।ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରି ଓଡ଼ିଆ କାବ୍ୟ ଜଗତ କୁ ରୁଦ୍ଧିମନ୍ତ କରିଥିଲେ ।'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର', 'ଦୀପଶିଖା' ଆଦି ଅନେକ ତାଙ୍କର ଅନବଦ୍ୟ କୃତି ।ସେ ପଦ୍ମଶ୍ରୀ

ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ବିଷୁବ ପୁରସ୍କାର,ଉତ୍କଳ ରତ୍ନ,

ନୀଳଶୈଳ ପୁରସ୍କାର ଆଦି ଅନେକ ସମ୍ମାନ ରେ ସମ୍ମାନିତ ହୋଇଥିଲେ ।ସେହି ମହାନ୍ କବି ତଥା ଓଡ଼ିଆ କାବ୍ୟ ଜଗତ କୁ ନୂତନ ଦିଗ ଦେଇଥିବା ରାଧାମୋହନ ଗଡ଼ନାୟକ ୨୦୦୦ ମସିହା ଫେବୃୟାରୀ ମାସ ୨୧ ତାରିଖ ରେ ଏହି ଦୁନିଆ ଛାଡ଼ି ଚ଼ାଲି ଯାଇଥିଲେ । ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ କୋଟି କୋଟି ପ୍ରଣାମ କରୁଛି ।

ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର,
ଖୋର୍ଦ୍ଧା- ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ସମସ୍ୟା ସମାଧାନ

ଜ୍ଞାନଚାନ୍ଦ ସତପଥୀ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ତା'ଜ୍ଞାନ ବୁଦ୍ଧି ବିବେକ ଖଟାଇ ସେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରେ, ସଫଳତା ଓ ବିଫଳତାର ସ୍ୱାଦ ଚାଖି ଆଗକୁ ଅଗ୍ରସର ହୁଏ ।ତଥାପି ମନୁଷ୍ୟ ଜୀବନରେ ତା'ପାରିବାରିକ, ସାମାଜିକ ଓ ବ୍ୟକ୍ତିଗତ କ୍ଷେତ୍ରରେ ଅନେକ ସମସ୍ୟା ଆସେ । ବେଳେ ବେଳେ ମଣିଷ ଏମିତି ସମସ୍ୟା ଦେଇ ଗତି କରୁଥାଏ ତାକୁ ବୁଦ୍ଧି ବାଟ ଦିଶେନି ସେ ଦିଗହରା ହୋଇ ଯାଏ ସେ କ'ଣ କରିବ କ'ଣ ନ କରିବ । ଏହି ଦ୍ୱନ୍ଦ୍ୱ ଭିତରେ କିଛି ନିର୍ଣ୍ଣୟ ନେଇ ପାରେନି । ଚାପଗ୍ରସ୍ତ, ଚିନ୍ତାଶୀଳ ହୋଇ ଜୀବନକୁ ନିସଙ୍ଗ ମଣେ । ବିଷାଦ ଗ୍ରସ୍ତ ଜୀବନ ଅତିବାହିତ କରେ । ପ୍ରକୃତ କାରଣ କ'ଣ ଜଣା ପଡୁ ନ ଥାଏ ।ବ୍ୟକ୍ତି ନିଜେ ମଧ୍ୟ ଜାଣି ପାରେନି ସେ କଣ କରିବା ଉଚିତ କଣ ନକରିବା ଉଚିତ । ମାନସିକ ଭାରସାମ୍ୟ ହରାଇ ବସେ । ଏହି ଲକ୍ଷଣ କେବଳ ବଡ଼ ମାନଙ୍କ କ୍ଷେତ୍ରରେ ନୁହେଁ ସାନ ପିଲାଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀ ପିଲାଙ୍କ ଭିତରେ ମଧ୍ୟ ଏସବୁ ବ୍ୟତିକ୍ରମ ଦେଖାଯାଏ । ସମାଜରେ ମଣିଷ ଜୀବନରେ ଅନେକ ପ୍ରକାର ସମସ୍ୟା ରହିଛି ଯଥା..ଚାପଗ୍ରସ୍ତ ସମସ୍ୟା, ବୈବାହିକ ସମସ୍ୟା, ରିଲେସନସିପ ସମସ୍ୟା, ବ୍ୟବହାରଜନିତ ସମସ୍ୟା ଏବଂ ପିଲାଙ୍କ ପାଠପଢା ସମସ୍ୟା ଏମିତି ଅନେକ ସମସ୍ୟା ରହିଛି ଏସବୁ ସମସ୍ୟାର ସମାଧାନ ପାଇଁ କାଉନସେଲିଂ ର ଆବଶ୍ୟକତା ପଡେ ।

ଆପଣ ମାନଙ୍କ ମନରେ ପ୍ରଶ୍ନ ଉଠି ପାରେ କାଉନସେଲିଂ କହିଲେ କଣ ? କାଉନସେଲିଂ ବିଭିନ୍ନ ବିଭାଗରେ ବିଭକ୍ତ ।ଯେଉଁ ସମସ୍ୟା ଦେଇ ବ୍ୟକ୍ତି ଗତି କରୁଥାଏ ସେହି ସମସ୍ୟାର ସମାଧାନ ପାଇଁ ଜଣେ କାଉନସେଲର ଅର୍ଥାତ ମନୋବିଜ୍ଞାନୀ ମନୋଚିକିତ୍ସକ, ମନୋବିଶେଷଜ୍ଞ, ପରାମର୍ଶ ଦାତାଙ୍କର ଆବଶ୍ୟକ ପଡେ । ପ୍ରକୃତରେ କାଉନସେଲିଂ ସମସ୍ତେ କରି ପାରନ୍ତିନି ।ଏହା କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷାଗତ ଯୋଗ୍ୟତା ଥିବା ଦରକାର ସେହି ନିର୍ଦ୍ଦିଷ୍ଟ ବିଷୟରେ ପାଠପଢି ଜ୍ଞାନ ହାସଲ କରି ପ୍ରଫେସନାଲ ହେବେ। ଜରୁରୀ । କାଉନସେଲିଂର ଅର୍ଥ ପରାମର୍ଶ ବୋଲି ବୁଝାଯାଏ । ଏହା ଏକ ଏମିତି ପ୍ରକ୍ରିୟା ଏଥିରେ ଦୁଇଜଣ ସାମିଲ ହୁଅନ୍ତି ଜଣେ ନିର୍ଦ୍ଦିଷ୍ଟ ବିଭାଗର ପରାମର୍ଶ ଦାତା ବିଶେଷଜ୍ଞ ଏବଂ ଅନ୍ୟଜଣେ ଆବଶ୍ୟକ ବ୍ୟକ୍ତି ବିଶେଷ ବା କ୍ଲାଏଣ୍ଟ । ପରସ୍ପର ଭିତରେ ଖୋଲାଖୋଲି ଆଲୋଚନା ହେବା ଦରକାର ଯାହା କି କ୍ଲାଏଣ୍ଟ କୌଣସି କଥାକୁ ଲୁଚାଇ ନ ରଖି ବିଶେଷଜ୍ଞଙ୍କ ସମ୍ମୁଖରେ ନିଃସଙ୍କୋଚରେ ପ୍ରକାଶ କରିବା ନିହାତି ଆବଶ୍ୟକ ଏହା ଦ୍ୱାରା ଉପଯୁକ୍ତ ଭାବରେ ପରାମର୍ଶ ଦିଆ ଯାଇ ପାରିବ । ଏବଂ ପରାମର୍ଶ ଦାତା ବିଶେଷଜ୍ଞ କ୍ଲାଏଣ୍ଟର କଥାକୁ ବାହାରେ ପ୍ରକାଶ ନ କରି ଗୋପନ ରଖିବେ । ଯାହା ଦ୍ୱାରା କ୍ଲାଏଣ୍ଟର ବିଶ୍ୱାସ ଜନ୍ମିବ । ବିଶେଷଜ୍ଞଙ୍କ ଉପରେ ଭରସା ବଢିବ । ବର୍ତ୍ତମାନ କାଉନସେଲିଂର ବିଭିନ୍ନ ବିଭାଗ ବିଷୟରେ ଯଦି ଆଲୋଚନା କରିବା ତେବେ ପ୍ରଥମେ ଦେଖିବା କ୍ୟାରିଅର କାଉନସେଲିଂ --ଯେଉଁଥିରେ ପିଲାର ପାଠପଢା ସମସ୍ୟା ରହିଥାଏ

ସେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ କେଉଁ ଦିଗରେ ପାଠ ପଢିବ ,କେଉଁ ବିଷୟସ୍ଥ ନେଇ ପାଠ ପଢିଲେ ତା'ପାଇଁ ଭଲ ହେବ ଏସବୁ ପିଲା ନିଜେ ବା ତା'ର ପିତାମାତା ନିର୍ଣ୍ଣୟ ନେଇ ପାରନ୍ତିନି ।ସେତେବେଳେ ଏହାର ସମାଧାନ ପାଇଁ ଦରକାର ପଡନ୍ତି ଜଣେ ଶିକ୍ଷା ପରାମର୍ଶ ଦାତା ବିଶେଷଜ୍ଞ । ଯିଏ କି ପିଲାଙ୍କ ସହ ଆଲୋଚନା ପରେ ପିଲାର ମନସ୍ତତ୍ତ୍ୱ କୁ ବୁଝି ପରାମର୍ଶ ଦିଅନ୍ତି କେଉଁ ଦିଗରେ ପାଠ ପଢିଲେ ପିଲାଟି ସଫଳତା ଲାଭ କରିବ ।

ରିଲେସନଶିପ କାଉନସେଲିଂ--- ବୈବାହିକ ଜୀବନରେ ପରସ୍ପର ମନୋମାଳିନ୍ୟ ହେବା, ସମ୍ପର୍କ ଭିତରେ ଫାଟ ସୃଷ୍ଟି ହେବା,ପରସ୍ପରକୁ ସନ୍ଦେହ କରି ଦୋଷାରୋପ କରିବା ଜୀବନକୁ ଦୁର୍ବିସହ ମଣି ପରସ୍ପର ଠାରୁ ଅଲଗା ରହିବା ,ଏସବୁର ସମାଧାନ ପାଇଁ ଜଣେ ମନୋବିଜ୍ଞାନୀ ପରାମର୍ଶ ଦାତାଙ୍କର ଆବଶ୍ୟକ ପଡେ । ଯିଏକି ପରସ୍ପର ଭିତରେ ଆଲୋଚନା କରି ତାଙ୍କ ଭିତରେ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କରନ୍ତି ।

-ସାଇକୋଲୋଜିଷ୍ଟ କ୍ଲିନିକାଲ କାଉନସେଲିଂ -- ଯେଉଁ ମାନେ ମାନସିକ ସ୍ତରରେ ଅନଗ୍ରସର ବା ଦୁର୍ବଳ ।ସେମାନେ କୌଣସି କଥାକୁ ଠିକ୍ରେ ବୁଝି ପାରନ୍ତିନି ,ଜିଦି କରନ୍ତି, ରାଗନ୍ତି, ଭଙ୍ଗାରୁଜା ଫୋପଡା ପିଙ୍ଗା କରନ୍ତି,ସେମାନଙ୍କ ମାନସିକ ସ୍ତରରେ ପରିବର୍ତ୍ତନ ପାଇଁ ଜଣେ ମନୋଚିକିତ୍ସଙ୍କର ଆବଶ୍ୟକ ପଡେ । ସେ ବ୍ୟକ୍ତି ସହ କଥାବାର୍ତ୍ତା କରି ତାକୁ ଉତ୍ସାହିତ କରନ୍ତି ତା' ମନର ଭାବନାରେ ସୁଧାର ଆଣିବାପାଇଁ ଉଦ୍ୟମ କରନ୍ତି ।

କାଉନ ସେଲିଂ କଳାପରେ ବ୍ୟକ୍ତି ବିଶେଷ, ପରାମର୍ଶ ଦାତାଙ୍କର କଥାକୁ ହୃଦୟଙ୍ଗମ କରି ସଠିକ ନିର୍ଣ୍ଣୟ ନେଇ ଉଚିତ ମାର୍ଗରେ ଯିବା ପାଇଁ ଚେଷ୍ଟା କରେ । ଏସବୁ କ୍ଷେତ୍ରରେ କାଉନସେଲ୍ଲର ଅର୍ଥାତ ପରାମର୍ଶ ଦାତା ବିଶେଷଜ୍ଞ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସମାଜରେ ଯେଉଁମାନେ ଏପରି ସମସ୍ୟା ଦେଇ ଗତି କରୁଛନ୍ତି ସେମାନେ ନିଶ୍ଚିତ ଭାବରେ ଜଣେ ମନୋବିଜ୍ଞାନୀ ପରାମର୍ଶ ଦାତା ବିଶେଷଜ୍ଞଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନର ପଥ ବାଛନ୍ତୁ ,ଚିନ୍ତା ଅବସାଦରୁ ଦୁରେଇ ରହି ଜୀବନକୁ ସରସ ସୁନ୍ଦର ମଧୁମୟ କରନ୍ତୁ ।

ଶିକ୍ଷା ପରାମର୍ଶଦାତା
ବାବୁ ସାହି, ବୌଦ୍ଧ
ମୋ-୯୯୩୭୭୭୪୧୭୨

# ଦିଲ୍ଲୀର ଦୁଆର ମୁହଁ ସେବା

ଅଧ୍ୟାପକ ଗୋପବନ୍ଧୁ

ସରକାର ହେଉଛି ଏକ ଜନମଙ୍ଗଳକାରୀ ବ୍ୟବସ୍ଥା । ଏହା ରାଷ୍ଟ୍ରର ସାର୍ବଭୌମତ୍ୱକୁ ଜଗିବା ସହିତ ନାଗରୀକମାନଙ୍କୁ ଉତ୍ତମ ସେବାପ୍ରଦାନ କରିବାକୁ ବାଧ୍ୟ । ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ହେଉଛି ରାଷ୍ଟ୍ରୀୟ କର୍ତ୍ତବ୍ୟ ଓ ନାଗରୀକମାନଙ୍କୁ ଉତ୍ତମ ସେବାପ୍ରଦାନ ହେଉଛି ପ୍ରଶାସନିକ କର୍ତ୍ତବ୍ୟ । କୌଣସି ଗଣତାନ୍ତ୍ରିକ ସରକାର ନାଗରିକମାନଙ୍କ ନୀକଟରେ ଉତ୍ତର ଦାୟୀ ରହିବାକୁ ବାଧ୍ୟ । ଜନମଙ୍ଗଳ ହେଉଛି ତାର ପ୍ରାଥମିକତା । ଶୋଷଣ, ଅତ୍ୟାଚାର ଓ ଅରାଜକତା କେବେବି ଗୋଟିଏ ଗଣତାନ୍ତ୍ରିକ ସରକାରର ପରିଚୟ ନୁହେଁ । ଏପରି ପରିସ୍ଥିତି କୌଣସି ସରକାରରେ ଦେଖାଦେଲେ ତାହା ଗଣତାନ୍ତ୍ରିକ ମୂଲ୍ୟବୋଧ ହରାଇ ବସିଛି ବୋଲି ଧରି ନେବାକୁ ହେବ ।

ଗୋଟିଏ ଜନହିତୈଷୁ ସରକାର ନୂଆନୂଆ ଉପାୟ ଖୋଜେ ସାଧାରଣ ଜନତାକୁ ଅଧିକରୁ ଅଧିକ ସୁଖସ୍ୱାଚ୍ଛନ୍ଦ ପ୍ରଦାନ ପାଇଁ । ଏପରି ସରକାର ଲୋକଙ୍କ ଦୁଃଖଦୁର୍ଦ୍ଦଶା ଓ ଅସୁବିଧାକୁ ବୁଝେ ଏବଂ ଉପାୟ ଖୋଜେ କିପରି ଏହାର ଲାଘବ କରାଯାଇ ପାରିବ । କିପରି ତାଙ୍କ କାମ ସହଜରେ ହୋଇପାରିବ । ଲୋକଙ୍କ ସମୟ ଓ ଅର୍ଥକୁ କିପରି ବଞ୍ଚାଯାଇ ପାରିବ । ସମସ୍ତେ କିପରି ସହଜରେ ଓ ସୁଲଭରେ ଶିକ୍ଷା, ସ୍ୱାସ୍ଥ୍ୟ, ଅତ୍ୟାବଶ୍ୟକ ସମାଗ୍ରୀ ତଥା ଭ୍ରଷ୍ଟାଚାରମୁକ୍ତ ପ୍ରାଶାସନିକ ସେବା ଅନାୟସରେ ପାଇପାରିବେ । ଏପରି ସରକାର ଜନମତକୁ ସମ୍ମାନ ଜଣାଏ ଓ ଏହାରି ଆଧାରରେ ଶାସନ କରେ । ଅନ୍ୟ ପକ୍ଷରେ ଗୋଟିଏ କ୍ରୁର ଓ ବେଦରଦୀ ସରକାର ଅଧିକରୁ ଅଧିକ ଶୋଷଣ କରିବାକୁ ଚାହେଁ । ଟ୍ୟାକ୍ସ ପରେ ଟ୍ୟାକ୍ସ ବସାଏ । ଅରାଜକତା ସୃଷ୍ଟିକରି ଫାଇଦା ନେବାକୁ ଚାହେଁ । ଲୋକଙ୍କୁ କିପରି ଅଧିକରୁ ଅଧିକ ଅସୁବିଧାରେ ପକାଯାଇପାରେ ସେହିପ୍ରକାର ପଦକ୍ଷେପ ନିଏ । ନିଜର ଓ ନିଜ ବନ୍ଧୁମାନଙ୍କ ନିହିତ ସ୍ୱାର୍ଥରେ କାମ କରେ । ଜନତାଙ୍କ ମଙ୍ଗଳ ତାପାଇଁ ଅପ୍ରାସଙ୍ଗିକ ହୋଇଯାଏ ।

ସମ୍ବେଦନଶୀଳତା କ୍ଷେତ୍ରରେ ଦିଲ୍ଲୀର ଆମ୍ ଆଦମୀ ପାର୍ଟି ସରକାର ଏକ କ୍ରାନ୍ତିକାରୀ ଉପଲବ୍ଧି । ଲୋକଙ୍କୁ କିପରି ଅଧିକରୁ ଅଧିକ ସୁବିଧା ସୁଯୋଗ ଦିଆଯାଇ ପାରିବ ସେଥିପାଇଁ ନୂଆ ନୂଆ ଯୋଜନା କାର୍ଯ୍ୟାକାରୀ କରିଚାଲିଛି । ବିଭିନ୍ନପ୍ରକାର ଦେୟମୁକ୍ତ ଯୋଜନା ପାଇଁ ଏ ସରକାର ବହୁଚର୍ଚ୍ଚିତ । ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାପାଇଁ ବିଶ୍ୱରେ ଆଦୃତ । ଏ ସମସ୍ତ ଯୋଜନାର ଉର୍ଦ୍ଧ୍ୱରେ ଅନ୍ୟ ଏକ କ୍ରାନ୍ତିକାରୀ ଯୋଜନା ଦିଲ୍ଲୀରେ ଚାଲିଛି ତାହାର ଆଲୋଚନା ଠିକରେ ଦାନାବାନ୍ଧି ପାରିନାହିଁ । ଏହା ହେଉଛି 'ଦୁଆର ମୁହଁରେ ସେବା ପ୍ରଦାନ' 

# ଚେତିବା ଆଉ କେବେ ?

**ସୁଷମା ପରିଡ଼ା**

କିଛି କୁହାବୋଲା ନକରି ଦୁଇଦିନ ହେବ ଆସି ନଥିଲା ଆମ ଘରେ କାମ କରୁଥିବା ସଞ୍ଜୁ, ତା'ର ମୋବାଇଲ୍ ମଧ୍ୟ ଦୁଇଦିନ ହେଲା ବନ୍ଦ ଥିଲା । ସକାଳୁ ସଞ୍ଜୁ ଯାଏଁ କାମ କରିକରି ଆମ ଘରେ ଝିଅ ଆଉ ବୋହୂ ଦୁଇଜଣଙ୍କ ମୁଣ୍ଡ ଖରାପ । ମୁଁମଧ୍ୟ ସଞ୍ଜୁ ଘର ପାଖରେ ଆଉ କାହାକୁ ଜାଣି ନଥିଲି ଯିଏ ତା' ବିଷୟରେ କିଛି ଖବର ଅନ୍ତର ଦେଇ ପାରିବ । ସେଥିପାଇଁ ଖୁବ୍ ଚିନ୍ତାରେ ଥାଏ ମୁଁ ।

ତୃତୀୟ ଦିନ ଅପରାହ୍ନରେ ଟିକିଏ ଗଡପଡ ହେଉଛି ଏଇ ସମୟରେ ଆସି ପହଞ୍ଚିଲା ସଞ୍ଜୁ । ତା' ଚେହେରାରୁ ଅନୁମାନ କରିନେଲି ଯେ କିଛି ଗୋଟାଏ ଅଘଟଣ ଘଟିଛି । ଆମ ଘରେ କାମ କଲାଦିନୁଁ ମୁଁ ତା' ବିଷୟରେ ଯେତିକି ଜାଣେ ତା' ସ୍ୱାମୀ ମୂଲିଆ କାମ କରେ, ସେ ନିଶାପାଣି କରେନାହିଁ, ପୁଅ ଝିଅ ଦୁଇଟି ପନ୍ଦର ସତର ବର୍ଷର । ସେମାନେ ଭଲ ପାଠ ପଢନ୍ତି, ବସ୍ତିର ଅନ୍ୟ ପିଲାମାନଙ୍କ ଭଳି ଦୁଷ୍ଟାମୀ କରନ୍ତିନି । ସେଇ ପିଲା ଦୁହିଁଙ୍କୁ ପାଠଶାଠ ପଢାଇ ଭଲ ମଣିଷ କରିବେ ବୋଲି ସ୍ୱାମୀ ସ୍ତ୍ରୀ ଦୁହେଁ ଭଦ୍ରକ ଛାଡି କଟକରେ ଆସି ରହୁଛନ୍ତି । କଟକରେ ଝିଅଟି ସ୍ଥାନୀୟ କଲେଜ୍‌ରେ ପ୍ଲସ୍ ଟୁ ପଢୁଛି ଆଉ ପୁଅଟି ସ୍ଥାନୀୟ ସ୍କୁଲ୍‌ରେ ଦଶମ ଶ୍ରେଣୀରେ ପଢୁଛି । ନିଜ ଘର କାମ ସାରି ଆମଘର ଭଳି ଆଉ ଦୁଇଟି ଘରେ ରୋଷେଇ କାମ କରୁଛି ସଞ୍ଜୁ । ସାଧାରଣତଃ ସେ ନକହି କେବେ ଅନୁପସ୍ଥିତ ରହେନାହିଁ ହେଲେ ଏବେ ଏମିତି କି ଅସୁବିଧା ହେଲା ଯେ ସେ ସେମିତି ରହିଗଲା ?

ମୁଁ ଶୋଇବା ଘରୁ ଉଠି ଯାଇ ତା'କୁ ସେଇ କଥା ପଚାରି ବି ବୋଲି ପହଞ୍ଚିଲି ତା' ପାଖରେ । ରୋଷେଇ ଘରେ ଝାଡୁ କରୁଥିଲା ସଞ୍ଜୁ । ମୋ' ପାଦଶବ୍ଦ ଶୁଣି ତରତର ହୋଇ ଆଖିରୁ ଲୁହ ପୋଛିଲା । ମୁଁ ଆଉ ଟିକିଏ ନରମ ହୋଇ ତା'କୁ ପଚାରିଲି " କ'ଣ ହୋଇଛିରେ ସଞ୍ଜୁ ! କାନ୍ଦୁଛୁ କାହିଁକି ? ଘରେ କଳିଝଗଡା ଲାଗିଛି କି ଦିହେଁ? ନା' ଆଉ କିଛି ଅସୁବିଧା ହୋଇଛି ? ମୋ'ର ସମବେଦନା ଭରା କଥା ଦି'ପଦ ଶୁଣି ଭେଁ ଏଁ କରି କାନ୍ଦି କାନ୍ଦି ତଳେ ବସି ପଡିଲା ସେ । କୋହ ସମ୍ଭାଳି କହିଲା...

- "କ'ଣ କେମିତି କହିବି ମାଆ, ଜାଣି ପାରୁନି । ତିନିଦିନ ହେଲା ଆମ ଘରେ ଚୁଲ୍ଲୀ ଜଳିନି । ବଅଁଶକୁଟୁମ୍ବ ଖାଡାପାଡା ଉପାସ । ତା' ବାପା ଆଉ ମୋତେ ବୁଦ୍ଧି ବାଟ ଦିଶୁନି କ'ଣ କରିବୁ । ଆମର ସଂସାର ସରିଗଲା ମା' । ବିଧାତା ଚଡକ ପକେଇଦେଲା...

-ଆଲୋ' କ'ଣ ହୋଇଛି ସେ କଥା ଖୋଲି କହୁନୁ , ଏତେ ଗୌରଚନ୍ଦ୍ରିକା ଲମ୍ବେଇଛୁ କାହିଁକି ?

-ଏଇ ଆମ ଝିଅ ରିଙ୍କି ମ' ମା' । ତା'କୁ ଗୋଟାଏ ବଡ ରୋଗ ହୋଇଛି । ସେ ଆଉ



ବଞ୍ଚିବନି ମା' ' । ତା'ରି ପାଇଁକି ଭିଟାମାଟି ଛାଡି ଆସି ପରଦେଶରେ ଖଟୁଛୁ ଦି' ପ୍ରାଣୀ । ସିଏ ଆମକୁ ଛାଡି ଚାଲିଯିବ ମା' । ଆଉ କାହା ପାଇଁ ଆମେ ବଂଚିବୁ ? ଉଁ ଉଁ ହୋଇ ପୁଣି ସ୍ୱର ଲୟାଇ କାନ୍ଦୁଥିଲା ସଞ୍ଜୁ । ମୁଁ ତା' କଥାରୁ ଠିକ୍ ଭାବରେ କିଛି ବୁଝି ପାରୁନଥିଲି । ବିରକ୍ତ ହୋଇ କହିଲି " ଓଃ.. କାନ୍ଦ ବନ୍ଦ କରି ରିଙ୍କିର କ' ଣ ହୋଇଛି ସିଧା ସେଇ କଥାଟି କହିଲୁ ମତେ !"

-କ'ଣ କହିବି ମା' ! ପୋଡାମୁହାଁ କ'ଣ ଆଗରୁ ସେ କଥା କହିଥିଲା କି ମୋତେ ? ତିନି ଚାରି ମାସ ହେଲା କାଳେ ତା' ଛାତିଟା ଧକ୍ ଧକ୍ ହୋଇ ବିନ୍ଧୁଥିଲା , ଦୁଇଦିନ ତଳେ ରାତିରେ ସେଥିରୁ ପୂଜପାଣି ବାହାରି ସାଲୁଆର କାମିଜିଟା ଭିଜିଥିବାର ଦେଖି ମୁଁ ତା'କୁ ପଚାରିଲାରୁ ସେ କହିଲା ସେକଥା । ଏତିକି କାଠେଇଟିଏ କି ମା' ! ମତେ ଦେଖା ବୋଲି କହିଲାରୁ ଦେଖାଉ ନଥିଲା ପରା, ଜବରଦସ୍ତି କରି କାମିଜି ଉତ୍ତାରି ଦେଖିଲି । ନାଲି ଚହଳରୁ ଚହଚହ ହୋଇ ଦିଶୁଛି ସେଇଟା । ଧାର ଧାର ହୋଇ ଗଣ୍ଡପୂଜ ବୋହୁଛି । ଏ ଟୋକୀ ତାକୁ ପୋଛି ପକାଉଛି ଓଢଣୀରେ । ମୋ' ଛାତି ଫାଟିଗଲା ମା' । ଗରମ ପାଣି କରି ପୋଛା ପୋଛି କରି ଭଲ କରି କପଡା ଦେଇ ବାନ୍ଧି ଦେଇ ଧାଇଁ ଗଲି ଔଷଧ ଦୋକାନକୁ । ଦୋକାନୀକୁ ଝିଅର ଗୋଡରେ ବଥ ହୋଇଛି କହି ମଲମ ଆଣି ଲଗାଇଦେଲି ସେଠି । ବିନ୍ଧାଛିଟା ପାଇଁ ଦୁଇଟା ବଟିକା ବି ଦେଇଥିଲା ସେ ଦୋକାନୀ, ସେଇ ଦୁଇଟା ଖାଇବାକୁ ଦେଲି ଝିଅକୁ । ଏବେ ଟିକିଏ ବଥାବିନ୍ଧା କମ୍ ଅଛି । ଚଣ୍ଡାଳୁଣୀଟା କେତେ ଅସୁବିଧାରେ ପକାଇଲା କ'ଣ କହିବି ଆଉ ! ସକାଳେ ଆର ମା' ଘରକୁ ଯାଇଥିଲି କାମ କରିବାକୁ ଯେ ଝିଅକଥା ଶୁଣି ସେ ମୋତେ କାମ କରିବାକୁ ମନା କରିଦେଲେ । କହିଲେ ତୋ' ଝିଅକୁ ଗୋଟାଏ ବଡ ରୋଗ ହୋଇଛି, ତୁ ବଡ ମେଡିକାଲକୁ ନେଇଯା' ସେଇଠି ଦେଖେଇବୁ । ଆଉ ଆମ ଘରକୁ କାମ କରିବାକୁ ଆସିବୁନି । ମୁଁ ଏବେ କ'ଣ କରିବି ମା' ? ପୁଣି ନାକ ସୁଁ ସୁଁ କଲା ସଞ୍ଜୁ ।

ମୁଁ କାଠ ହୋଇ ଶୁଣୁଥିଲି ତା' କଥା । ଭାବୁଥିଲି, ନିଜ ଅଜ୍ଞତାରୁ ଗୋଟାଏ କଅଁଳ ଜୀବନକୁ ନଷ୍ଟ କରିବାକୁ ବସିଛି ଏ ମୂର୍ଖ ସ୍ତ୍ରୀ ଲୋକ । ବିରକ୍ତ ହୋଇ ତା'କୁ କହିଲି " ତୁ ଜାଣିଛୁ କେତେ ବଡ ଭୁଲ୍ କାମ କରିଛୁ ତୁ ? ଆରେ ଯଦି ଝିଅର ଏମିତି ଅବସ୍ଥା ଦେଖିଲୁ ଆଗ ଡାକ୍ତର ପାଖକୁ ନେଇଥାନ୍ତୁ ନା । ନିଜେ ସେ ଘାଆକୁ ଚିପାଚିପି କରିବା କ'ଣ ଦରକାର ଥିଲା ? ମୋ' ପାଖକୁ ହେଲେ ଆସିଥାନ୍ତୁ, କାହାକୁ କିଛି ନ ପଚାରି କେତେ ବଡ ବିପଦକୁ ଡାକି ଆଣିଲୁ ଜାଣିଛୁ ! ସେମିତି ସକସକ ହୋଇ ସଞ୍ଜୁ କହିଲା.. ଘର ପାଖରେ ସେ ଅଣ୍ଡିରା ଡାକ୍ତର ପାଖକୁ କେମିତି ନେଇଥାନ୍ତି ମା' ? ଯୁଆନ ଝିଅଟା , ଅଥାନରେ ବଥଟା ତାଙ୍କୁ କେମିତି ଦେଖେଇଥାଆନ୍ତି କହିଲ ?

ତା' କଥା ଶୁଣି ମୋ'ର ରାଗ ମୁଣ୍ଡକୁ ଉଠି ଯାଉଥିଲା । ଇଚ୍ଛା ହେଉଥିଲା ତା' ଗାଲରେ ଢାଏ କରି ଦି' ଚଟକଣୀ କସି ଦେବାକୁ । ମୂର୍ଖାମୀର ସବୁ ସୀମା ଲଙ୍ଘିହୁଏ ସାରିଛି ସ୍ତ୍ରୀ ଲୋକଟା । ତା' ସ୍ୱାମୀ ବି କେମିତି ମଣିଷ କେଜାଣି ? ଥରେ କି ଦି'ଥର ଦେଖିଥିବା ତା' ଝିଅର ନିରୀହ ମୁହଁଟା ମୋ ଆଖି ଆଗରେ ନାଚି ଯାଉଥିଲା । ବାପାମାଆଙ୍କର ଅଶିକ୍ଷାରୁ ଝିଅର ଜୀବନଟା ନଷ୍ଟ ହୋଇଯିବ । ଆଉ କେବେ କେତେବେଳେ ଏମାନେ ? ଏବେ ବି ସମୟ ଅଛି, ତା' ପାଇଁ କିଛି କରିବାକୁ ହେବ ଭାବି ଚିତ୍କାର କରି ସଞ୍ଜୁକୁ କହିଲି ... " ମୂର୍ଖ, ତୋ' ଝିଅର ଜୀବନ ବଡ ନା' ଇଜ୍ଜତ ? ଏଇ ନେ' ଦୁଇଶହ ଟଙ୍କା, ତୁ ଏବେ ଯା' ଅଟୋରିକ୍ସା କରି ଝିଅକୁ ଧରି ଆସିବୁ , ମୁଁ ନିଜେ ଯିବି ତୋ' ସାଙ୍ଗରେ ଡାକ୍ତର ପାଖକୁ । ଯା' ଯା' ଶିଘ୍ର..।"

ଟଙ୍କାଧରି ସେ ଡରିମରି ଧାଇଁଲା ତା' ଘରକୁ ଝିଅକୁ ଆଣିବା ଲାଗି । ମୁଁ ମୋ'ର ପରିଚିତ ଜଣେ ଅଙ୍କୋଲୋଜିଷ୍ଟଙ୍କୁ ଫୋନ୍ କରି ସବୁକଥା କହି ତାଙ୍କୁ ଅନୁରୋଧ କଲି ସଞ୍ଜୁର ଝିଅକୁ ଦେଖି ତା'ର ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା କରିବା ଲାଗି । ଆଜିର ଏକବିଂଶ ଶତାବ୍ଦୀରେ ଆମେ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବୋଲି ଡିଣ୍ଡିମ ପିଟୁଥିଲା ବେଳେ, ଆମ ରାଜ୍ୟ ସବୁଥିରେ ନମ୍ବର ୱାନ୍ କହୁଥିଲାବେଳେ ମଧ୍ୟ ଅଶିକ୍ଷା ଆଉ କୁସଂସ୍କାର ଆମ ଲୋକମାନଙ୍କୁ କେମିତି କାବୁ କରି ରଖିଛି ଦେଖି ଲଜ୍ଜା ଲାଗୁଥିଲା ମୋତେ ।

+ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

## ତ୍ୱଚା ଭାଙ୍ଗ ଦୂରେଇବାର ଉପାୟ

*ନାମୀ ଦାମୀ କମ୍ପାନୀର କ୍ରିମ କିମ୍ବା ବ୍ୟୁଟି ପାର୍ଲରରେ ଉପଚାର କରିବା ପୂର୍ବରୁ ପ୍ରଥମେ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚା ନିମନ୍ତେ ଘରେ ପ୍ରସ୍ତୁତି କରନ୍ତୁ । ୩୦ ପାର ହେଲା ପରେ ମହିଳାଙ୍କ ମୁଖ୍ୟ ସମସ୍ୟା ହେଉଛି ତ୍ୱଚାରେ ଭାଙ୍ଗ ପଡ଼ିବା । ଏଥି ନିମନ୍ତେ କେତୋଟି ଘରୋଇ ଉପଚାର କରିବା ଜରୁରୀ ।*

ଭିଟାମିନ ଏ ଓ ଇ ଯୁକ୍ତ କଦଳୀ ଫଳଟି ଆମ ତ୍ୱଚା ଉପରେ ଖୁବ ଭଲ ପ୍ରଭାବ ପକାଇଥାଏ । ପାଚିଲା କଦଳୀକୁ ଭଲଭାବେ ଚକଟି ସେଥିରେ ୧ଚାମଚ ମହୁ ଓ ଗୋଲାପ ଜଳ ମିଶାଇ ପ୍ୟାକ ତିଆରି କରନ୍ତୁ । ଏବେ ସେହି ପ୍ୟାକକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ପରେ ଧୋଇନେବେ । ସପ୍ତାହକୁ ଥରୁଟିଏ ଏହି ପ୍ୟାକ ଲଗାଇଲେ ତାହାର ପ୍ରଭାବ ପଡ଼େ । କଫି ଗୁର୍ଡ ତ୍ୱଚା ପାଇଁ ଏକ ଉତ୍ତମ ସ୍କ୍ରବ ହୋଇଥିବା ବେଳେ ତାହା ତ୍ୱଚାରୁ ମୃତକୋଷିକା ବାହାର କରିଦିଏ । ତ୍ୱଚାର ଭାଙ୍ଗ ଦୂରେଇବା ନିମନ୍ତେ କଫି ଗୁଣ୍ଡ ୧ଚାମଚରେ ନଡ଼ିଆ ତେଲ ଅଳ୍ପ ମିଶାଇ ତାହା ତ୍ୱଚାରେ ଓ ହାତ, ପାଦରେ ଲଗାଇ ୧୫ମିନିଟ ପରେ ମାଲିସ କରି ଧୋଇନେବେ । ପ୍ରତି ୨ଦିନରେ ଥରେ ଏହି ପ୍ୟାକ ଲଗାଇଲେ ଲାଭ ମିଳେ ।



# ଅନ୍ୟ ପ୍ରତି କ୍ରୋଧ ନିଜର କ୍ଷତି କରେ

**ସ୍ୱାମୀଙ୍କ ରଙ୍ଗ**

**ଶ୍ୱେତା ରାଉତ**

ବେଳେ ବେଳେ ଏମିତି ହୁଏ, ଆମେ କାହାକୁ କିଛି କହିବାକୁ ଗଲା ବେଳେ, ସେ ଆମକୁ କହିଦିଅନ୍ତି 'ମୋତେ କିଛି ଏବେ କୁହନି, ମୋ ମନ ଭଲ ନାହିଁ' । ପ୍ରକୃତରେ ମନ ଭଲ ନଥିବା ବେଳେ କିଛି ଶୁଣିବାକୁ ବା କରିବାକୁ ଇଚ୍ଛା ହୁଏନାହିଁ ନା କିଛି ପରିସ୍ଥିତି ମନକୁ ଖରାପ କରିଦିଏ ? ଆମ ମନ ଖରାପ ହେବାର କାରଣ ଆମେ ସବବେଳେ ଅନ୍ୟକୁ ଦୋଷ ଦେଇ କହିଥାନ୍ତି । ବାଟରେ ଯାଉଥିବା ବେଳେ ଯଦି ଦୁର୍ଘଟଣା ହୁଏ, ଆମେ ଅନ୍ୟ କେଉଁ ଗାଡିବାଲା ବାଦେଇଦେଲା, କୁକୁର ପଶିଗଲା, ରାସ୍ତାରେ ଖାଲ ଥିଲା, ମଦୁଆଟେ ମାଡ଼ ହେଇଗଲା ଏମିତି ଅନ୍ୟକୁ ଦୋଷ ଦିଅନ୍ତି । ବାସ୍ତବିକ କିନ୍ତୁ ଆମ ଗାଡ଼ି ଚଲେଇବାରେ ଅସାବଧାନତା, ଅନ୍ୟମନସ୍କତା ଏବଂ ଆମ ମନ, ବୁଦ୍ଧି, ବିଚାରେରେ ଅସନ୍ତୁଳନ ଯୋଗୁଁ ଦୁର୍ଘଟଣା ହୋଇଥାଏ । ଅଫିସରେ କାମ କଲାବେଳେ ଅନେକ ଭୁଲ ଭଟକା ହୋଇଯାଏ, ରୋଷେଇ କଲାବେଳେ ହାତରେ ଚେଙ୍କ ଲାଗିଯାଏ ତ କେତେବେଳେ ହାତରୁ ପଡ଼ି କିଛି ଢ଼ାଳି ବୁଣି ହୋଇଯାଏ । ଯାହାସବୁ ଆମ ଦ୍ୱାରା ହୁଏ ଆମେ ପରିସ୍ଥିତିକୁ ଦୋଷ ଦିଅନ୍ତି । କିନ୍ତୁ ପରିସ୍ଥିତି ଆମକୁ ବିଚଳିତ କରେ, କି ଆମେ ବିଚଳିତ ଥାଆନ୍ତି ବୋଲି ପରିସ୍ଥିତି ଖରାପ ହୁଏ ସେକଥା ଆମେ ଭବନ୍ତିନି ।

ମନ ଯଦି ଶାନ୍ତ, ବିଚାର ଯଦି ଶାନ୍ତ ଥାଏ ସବୁ କାମ ଖୁବ୍ ସହଜରେ ହୋଇପାରେ । ମନରେ ବିଚଳନ ରହିଲେ ସବୁ ଭୁଲ୍ ଭାଲ୍ ହୁଏ । ଏ ମନକୁ ଆମ ନିୟନ୍ତ୍ରଣରେ ନ ରଖିବାର କାରଣ ମଧ୍ୟ ଆମେ ନିଜେ । ଧରିନିଆନ୍ତୁ ଆପଣଙ୍କର କାହା ସହିତ ପାଟିଗୋଳ ହୋଇଛି, ଖୁବ୍ ଯୋରରେ କଳି ଲାଗିଯାଇଛନ୍ତି, ଦେଖିବେ ଆପଣ ଯାହା କାମ କରୁଥିଲେ ବି ମୁଣ୍ଡରେ ସେଇ କଥା ଚାଲୁଥିବ । କ୍ରୋଧ, ରାଗ, ହିଂସା, ଦ୍ୱେଷ, ପ୍ରତିଶୋଧ ପରାୟଣ ଭାବ ମନ ଭିତରେ ଖୁନ୍ଦି ହୋଇ ବାରମ୍ବାର ଆପଣଙ୍କୁ କ୍ରୋଧିତ କରୁଥିବ । ସେତେବେଳେ ପରିବାରରେ କେହି ଆପଣଙ୍କୁ ଶ୍ରଦ୍ଧାରେ ଡାକିଲେ, କିମ୍ବା କିଛି କଥାବାର୍ତ୍ତା କଲେ, ଆପଣ ଶୁଣିବାକୁ ପ୍ରସ୍ତୁତ ନଥିବେ, ଚିଡିଚିଡା ହେଉଥିବେ । ଆପଣଙ୍କର ଉଦ୍ଦେଶ୍ୟ ନଥିବ କାହା ପ୍ରତି ଖରାପ ବ୍ୟବହାର କରିବାକୁ, କିନ୍ତୁ ଆପଣଙ୍କ କ୍ରୋଧ ଆପଣଙ୍କୁ ଗୋଲାମ ବନେଇ ରଖିଥିବ ଏବଂ ଆପଣ ରାଗରେ କିଛି ବି କହିଦେବେ । ଯେମିତିକି ମୋତେ ଏକା ଛାଡ଼ିଦିଅ, ମୋ ସାମନାରୁ ପଳାଅ, ମୋତେ ଏବେ କିଛି କୁହନି, ବିରକ୍ତ କରନି ଇତ୍ୟାଦି...। ନଚାହିଁଲେ ବି ଆପଣଙ୍କ ମୁହଁରୁ ରାଗରେ କିଛି ବି ବାହାରିଯିବ । ଜଣଙ୍କ କଥାରେ କ୍ରୋଧିତ ହୋଇ ଆପଣ ନିଜ ପରିବାରରେ ସଂପର୍କମାନଙ୍କ ସହିତ କ୍ରୋଧୀ ଆଚରଣ କରିବେ, ଫଳରେ ପରିବାର ଲୋକଙ୍କ ମନଦୁଃଖ ହେବ ।

କୌଣସି ଏକ ପରିସ୍ଥିତି (ପରର ସ୍ଥିତି)ପାଇଁ ନିଜେ କ୍ରୋଧରେ ରହି ମନକୁ ଅଶାନ୍ତ କରିବେ, କାମରେ ଭୁଲ୍ କରିବେ, ରାସ୍ତାରେ ଗଲାବେଳେ ସେଇ କଥା ଭାବି ଭାବି ଅନ୍ୟମନସ୍କତାରେ ଦୁର୍ଘଟଣା ବି ଘଟାଇ ପାରନ୍ତି । ମନ ଅଶାନ୍ତ ଯୋଗୁଁ ପରିବାର ଜନଙ୍କ ସହିତ ଭଲରେ କଥା ହେବନାହିଁ କିମ୍ବା ଅଫିସରେ ସହକର୍ମୀଙ୍କ ସହିତ ଭଲରେ କଥା ହେବେନାହିଁ, କ୍ରୋଧ ମସ୍ତିଷ୍କରେ ରହିଲେ ଶରୀର ତାତିଯାଏ, କ୍ରୋଧର ଡୋପାମିନ କ୍ଷରଣ ଫଳରେ ଉଚ୍ଚ ରକଚାପ ହୁଏ । ଆପଣ ଏତେସବୁ ଯାହାପାଇଁ ଭୋଗିବେ, ସେ ପୁଣି ଆପଣଙ୍କ ନିଜର ନହୋଇ ବାହାର କିଏ ବ୍ୟକ୍ତି ହୋଇଥିବ । ଥରେ ଭାବନ୍ତୁ ତ ଏଥିରେ କ୍ଷତି କାହାର, ପରିଣାମ କ'ଣ ? ଯାହା କଥାକୁ କେନ୍ଦ୍ର କରି ଆପଣ ଅସନ୍ତୁଳନ ଭିତରେ ରହିବେ, ସେ କିନ୍ତୁ ଆରାମରେ ଖାଇ ପିଇ ବୁଲୁଥିବ, ଆଦୌ ଆପଣଙ୍କ ସହ ହୋଇଥିବା କଳି ଝଗଡକୁ ମନେ ରଖିନଥିବ, ତାଙ୍କୁ କିଛି ଫରକ୍ ପଡୁନଥିବ । ସେତେବେଳେ ଆପଣଙ୍କୁ ଜଣେ ବୋକା ବୋଲି କୁହାଯିବ । ପରର ସ୍ଥିତି (ପରିସ୍ଥିତି) ପାଇଁ ନିଜର ବିଚାର, ବୁଦ୍ଧି, ବିବେକର, ସ୍ୱଚ୍ଛତାକୁ ମଳିନ କରି କ'ଣ ମିଳିବ ! ଏଥିରୁ କେବଳ ଆମ ନିଜର କ୍ଷତି ହୋଇଥାଏ ।

ସମସ୍ତେ କୁହନ୍ତି ସହିବା ଏତେ ସହଜ ନୁହେଁ, କିନ୍ତୁ ଦୁନିଆରେ କିଛି ବି କଷ୍ଟ ନଥାଏ । ଏହା ଅସ୍ୱୀକାର କରାଯାଇପାରେନା, କିନ୍ତୁ ଦୁନିଆରେ କିଛି ବି କଷ୍ଟ ବା ଅସମ୍ଭବ ନୁହେଁ । ସହିବାକୁ କିଏ କହୁଛି ଆପଣଙ୍କୁ ! ଆପଣ ଶାନ୍ତ ଭାବରେ ପ୍ରତ୍ୟୁତ୍ତର କରିପାରିବେ, ନିଜର କ୍ଷୋଭ ଜଣାଇ ପାରିବେ, ଅନ୍ୟର ବିଚାର ଯଦି ନମିଶୁଛି, ନିଜେ ତାଙ୍କଠୁ ଦୂରେଇ ରହିପାରିବେ । ତାହା ନକରି କ୍ରୋଧକୁ ନିଜ ଭିତରେ ରଖି ଆତ୍ମୀୟମାନଙ୍କ ସହ କ୍ରୋଧୀ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ । ଆମ ମନ ସବୁବେଳେ ସ୍ୱଚ୍ଛ ସୁନ୍ଦର । ଆମେ କାହିଁକି କାହା ଉପରେ କ୍ରୋଧ କରି, ବାରମ୍ବାର କାହା କଥାକୁ ମନରେ ରଖି ନିଜେ ନିଜକୁ ନିର୍ଯାତନା ଦେବା ! ଯିଏ ଯାହା କହୁଛି କହୁ, ଯାହା ହେଉଛି ହେଉ, ଆମ ମନକୁ ଆମ ନିୟନ୍ତ୍ରଣରେ ରଖି ସବୁବେଳେ ଖୁସି ହେବା ଓ ସମସ୍ତଙ୍କୁ ଖୁସି ବାଣ୍ଟିବା ।

+ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଲକ୍ଷ୍ମୀସାଗର,
ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦

## ଦୀପ ଶିଖାର ମୁଁ ସଳିତାଟିଏ

**ପ୍ରତିଭା ସାହୁ**

ଦୀପ ଶିଖାର ମୁଁ ସଳିତାଟିଏ
ପ୍ରାପ୍ତି ଅପ୍ରାପ୍ତିର ଦ୍ୱନ୍ଦ ଭିତରେ
ଜଳିଉଠେ ମୁଁ
ଦୀପ ଶିଖାର ସଳିତାଟିଏ,

ଅନ୍ଧାରର ଗତିପଥରେ
ଜ୍ୱଳନର ଦାହ ଭିତରେ
ବାଣ୍ଟି ଚାଲିଥାଏ ସ୍ୱର୍ଣ୍ଣିମ ଆଲୋକ
ଏଇ ବୋଧେ ମୋର ଧର୍ମ
ଇଚ୍ଛା ଅନିଚ୍ଛା ସତ୍ତ୍ୱେ
ଜଳୁଛି ମୁଁ ନିତି
ଜଳିବି ମଧ୍ୟ ଆଗକୁ ଏମିତି
ଦୀପଶିଖାରେ ରହି ସଭିଙ୍କ ମନରେ
ନୂତନ ବାର୍ତ୍ତା ଜଗାଇ
ଢାଳିଦ୍ୱେ ଶାନ୍ତି ଓ ପ୍ରୀତି ।

ଛାତିରେ ଛାତିଏ କୋହକୁ ଚାପି
ମୁହଁରେ ହସ ଉକୁଟାଇ
ବଂଚିବି ମୁଁ ସଂସାର ପାଇଁ
ଛଳନାକୁ ଆଦରି ନେଇ
ବିଶ୍ୱାସର ଓଢଣୀ ତଳେ
ବିନା ପ୍ରତିବାଦରେ ସମର୍ପି ଦ୍ୱେ
ଆଞ୍ଜୁଳା ଆଞ୍ଜୁଳା ସୁଖ ଦେଇ ।

ଯନ୍ତ୍ରଣାର ହଳାହଳ ବିଷ ପିଇ
ଜଳି ଜଳି ଦଗ୍ଧିଭୂତ ହୋଇ
ଶେଷେ ହ୍ୱେ ମୁଁ ପାଉଁଶ
ଦୀପ ଶିଖାର ମୁଁ ସଳିତାଟିଏ
ନାହିଁ ମୋର ମନେ ଅବଶୋଷ ।

+ବଇଣ୍ଡା ହାଇସ୍କୁଲ ରୋଡ୍
(ଅନୁଗୋଳ)
ମୋ: ୭୦୦୮୨୩୬୯୯୧

## ଶୂନ୍ୟ ଭାଗଫଳ

**ମନୀଷା ପଣ୍ଡା**

କେବେ କ'ଣ ସିଧାଯାଏ
ଏ ଜୀବନ ?
ଠିକ୍ ସରଳରେଖାଟିଏ ଭଳି

ଅନବରତ
ଛାତି ସନ୍ଧିରୁ
ଗଣତି ବେଗଣତି
ଦରହଜା ଛବି କେଇଟା
ଚହଲିଯାଇ ଅସ୍ପଷ୍ଟ ହୁଏ
ଅଙ୍କାବଙ୍କା ବକ୍ର ରେଖାରେ,

ବେଜାଏ ଦିନ
ଲାଭ କ୍ଷତିର ଅଙ୍କ କଷୁ କଷୁ
ଅଛିଣ୍ଡା ହୋଇ ରହେ
ସମାଧାନ ଖୋଜି ମିଳେନା,

ବୃତ୍ତର ପରିଧି ଭିତରେ
ଘୂରି ଘୂରି ସେଇ କେନ୍ଦ୍ରରେ
ବିନ୍ଦୁଟିଏ ହୋଇଯିବା ପରେ
ହରାଏ ସତ୍ତା,

କେତେ ଆଉ
ମିଶେଇ ଫେଡି
ଗୁଣନ ଅଥବା କରିବା ହରଣ
ସେଇତ ଶୂନ୍ୟ ଭାଗଫଳ ।

+ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ
ବିଦ୍ୟାଳୟ, ଅଙ୍କରାନ୍ତିପୁର,
ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩

## ପ୍ରେମ ପକ୍ଷୀ

**ଝରଣା ବାରିକ**

ବୟସରେ ମୋର ଡେଣା ଲାଗିଥିଲା
ଟିକେ ଟିକେ ଉଡୁଥିଲି,
ଟିକେ ବାଟ ଯାଏ ଟିକେ ରହୁଥାଏ
ଥକି ଯେବେ ପଡୁଥିଲି ।

ବରଷା ବିଜୁଳି ନ ଥିଲା ଶିକୁଳି
ଯେଣେ ଇଚ୍ଛା ଯାଉଥିଲି,
ମନ ଇନ୍ଦ୍ରଧନୁ ବୁଣୁଥିଲା ନିତି
ମନେ ରଙ୍ଗ ମାଖୁଥିଲି ।

ଶ୍ରାବଣ ବର୍ଷା ରେ ଓଦା ହେଇଗଲି
ଡେଣା ମୋର ଗଲା ଭିଜି,
ଶିକୁଳି ରେ ତୋର ଧରିନେଲୁ ମତେ
ଶିକାରୀ ଟିଏ ତୁ ସାଜି ।

ପାଖକୁ ଡାକିଲୁ ପୋଷା ମନେଇଲୁ
ଭଲ ତତେ ପାଇଗଲି,
ତୋ ପାଖେ ରହିଲି ମନ ଦେଇ ଦେଲି
ଉଡ଼ିବା ମୋ ଭୁଲିଗଲି ।

ଦିନେ ନ ଦେଖିଲେ ମନ ବୁଝେ ନାହିଁ
ଅବୁଝା ହୁଏ ସେ କାହିଁ,
କିଏ କହେ ମତେ ପ୍ରେମ ହେଇଗଲା
ମତେ ଯେବେ ଦେଲୁ ଛୁଇଁ ।

କେମିତି ରହିବି ତୋ ବିନା ମୁଁ ଏକା
ବୁଦ୍ଧି ବାଟ ଦିଶୁ ନାହିଁ,
ଦିନି ରାତି ଖାଲି ତୋ ମୁହଁ ଦିଶୁଛି
ଏମିତି ହଉଛି କାହିଁ ।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

## ବ୍ୟଥିତ ଯାତ୍ରା

**ଶୁଭଦର୍ଶିନୀ ଦାଶ**

ସୂର୍ଯ୍ୟ ଯାହାର ମମତା ତେଜରେ
ନିଜର ଆଖି ମଳି ଦେଉଥିଲା
ପୂରି ଉଠୁଥିଲା ଘର ଯାହାର
ଐଶ୍ୱର୍ଯ୍ୟ ରୂପ ଆଭାରେ
ସେ ବି ତ ଦେବୀ ଥିଲେ ନା !!!

ପାହାଡ଼ ବି ଈର୍ଷା କରୁଥିଲା ଯାହାର
ଧୈର୍ଯ୍ୟ ସମ୍ମୁଖରେ
ଦାଣ୍ଡ ପିଣ୍ଡାର ସେ ନିର୍ଜୀବ
କାଠ ଚୋଉକି ବି ଜିଇ ଉଠୁଥିଲା
ଯାହାର ସଂଗତ ପାଇ
ସେ କ'ଣ ଦେବତା ନଥିଲେ ?

ମନସ୍କାମନା ପୂର୍ଣ୍ଣ କରି ପାରିଲେନି
ନା ଭକତି

# ଅହିଂସା ରଥକୁ କନ୍ଧମାଳ ଓ ଦେବଗଡ଼ ଜିଲ୍ଲାରେ ସ୍ୱାଗତ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ତଥା ଜାତିର ଜନକ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରର ରାଜ୍ୟବ୍ୟାପୀ ପ୍ରସାରଣ ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ଆଜି କନ୍ଧମାଳ ଓ ଦେବଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ଅବସରରେ ୧୫ ଅଗଷ୍ଟ ସ୍ୱାଧୀନତା ଦିବସରୁ ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୪ ଗୋଟି 'ଅହିଂସା ରଥ' ସାରା ରାଜ୍ୟ ପରିକ୍ରମା କରି ଆମ ରାଜ୍ୟର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶକୁ ଉଜ୍ଜୀବିତ କରିବ ।

କନ୍ଧମାଳ ଜିଲ୍ଲା ଡିଣ୍ଡିରା ଗାଁ ଗ୍ରାମପଞ୍ଚାୟତଠାରେ ଅହିଂସା ରଥକୁ ଫିରିଙ୍ଗିଆର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ବିଧାୟକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜନସାଧାରଣ ଏବଂ ଛାତ୍ରଛାତ୍ରୀମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ । ସେହିପରି ଫିରିଙ୍ଗିଆ ବ୍ଲକ୍ ଠାରେ ଅହିଂସା ରଥକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସ୍ଥାନୀୟ ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜନସାଧାରଣ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭିଡ଼ିଓ ସୋ ମାଧ୍ୟମରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପରେ ଏହି ଅହିଂସା ରଥ ସରଗଡ଼, କେ. ନୂଆଗାଁ ଏବଂ ବାଲିଗୁଡ଼ାର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା ।

ଅନୁରୂପ ଭାବରେ ଦେବଗଡ଼ ଜିଲ୍ଲା ତିଲେଇବଣୀ ବ୍ଲକ୍ ର କେଲ୍‌ଡ଼ାଠାରେ ଅହିଂସା ରଥ ପହଂଚିବା ପରେ ଦେବଗଡ଼ ଉପଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ଗୁରୁ, ଅଂଚଳବାସୀ, ଜିଲ୍ଲା ପ୍ରଶାସନ, ଲୋକପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବକସଂଘର କର୍ମକର୍ତ୍ତାମାନେ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ବାରକୋଟ ବ୍ଲକ୍ ର ବିଜୟନଗରଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଦେବଗଡ଼ ପୌରପରିଷଦର ଚର୍ଚ୍ଚ ଛକଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ସବୁଜ ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ ।

# ବହୁମୁଖୀ ଇନଡୋର ହଲ୍ ପ୍ରକଳ୍ପ ବାଟବଣା

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଅଗଷ୍ଟ ୯, ୨୦୨୧ରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ ହେବ । ଦେଢ ବର୍ଷରେ ସମସ୍ତ ଇନଡୋର ଷ୍ଟାଡିୟମ ନିର୍ମାଣ ଶେଷ ହେବାକୁ ଥିବାରୁ ଏଥିପାଇଁ ପ୍ରାୟ ୬୯୩କୋଟି ୩୫ଲକ୍ଷ ଟଙ୍କାର ବଜେଟ୍ ଘୋଷଣା ହୋଇଥିଲା । ବିଡମ୍ବନାର ବିଷୟ ହେଲା, ସରକାରଙ୍କ ଘୋଷଣାର ବର୍ଷକ ପରେ ବି ଗୋଟିଏ ଇନଡୋର ଷ୍ଟାଡିୟମ ନିର୍ମାଣ ସରିଲାନି । ଏପରିକି ବହୁ ସ୍ଥାନରେ କାମ ୧୦% ବି ହୋଇନି । ପିପିଲିରେ ଏହି ଇନଡୋର ଷ୍ଟାଡିୟମ ନିର୍ମାଣକୁ ନେଇ କୋର୍ଟରେ ମାମଲା ବିଚରାଧୀନ ଥିବାରୁ ଏହା କେବେ ହେବ ସେନେଇ ସରକାରଙ୍କ ପାଖରେ ଉତ୍ତର ନାହିଁ । ଟୋକିଓ ଅଲମ୍ପିକ୍ସରେ ଭାରତର ସଫଳତା ପରେ ରାଜ୍ୟ ସରକାର ଉତ୍ସାହିତ ହୋଇ ଏହି ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ ନେଇ ଘୋଷଣା କରିଥିଲେ । ଉଦ୍ଦେଶ୍ୟ ଥିଲା ପ୍ରତି ସହର/ଗାଁରୁ କ୍ରୀଡ଼ାବିତଙ୍କୁ ଅଲମ୍ପିକ୍ସ ପାଇଁ ପ୍ରସ୍ତୁତ କରାଯିବ । ଏଠାରେ ବ୍ୟାଡମିଣ୍ଟନ, ଟେବୁଲ୍ ଟେନିସ୍, ଯୋଗ, ଜିମନାସିୟମ ଭଳି ବିଭିନ୍ନ ଇନଡୋର ଖେଳର ଭିତ୍ତିଭୂମି ରହିବ । ଏହାସହ ଏହାକୁ ଯେପରି ବାତ୍ୟା ଓ ବନ୍ୟା ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିହେବ, କରୋନା ଭଳି ବିଭିନ୍ନ ମହାମାରୀ ସମୟରେ ହସ୍ପିଟାଲ ଭଳି ବ୍ୟବହାର କରିହେବ ସେନେଇ ମଧ୍ୟ ଏଥିରେ ବ୍ୟବସ୍ଥା ରହିବ । କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ପ୍ରକଳ୍ପ ଶେଷ ହୋଇନଥିବାରୁ ଏହା ଯେଉଁ ଉଦ୍ଦେଶ୍ୟରେ ନିର୍ମାଣ ହେଉଛି ତାହା କାମରେ ଲାଗିବ କି ନାହିଁ ସେନେଇ ସନ୍ଦେହ ଉପୁଜିଲାଣି । ରାଜ୍ୟ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୮୯ଟି ଇନଡୋର ଷ୍ଟାଡିୟମରୁ ୩୩ଟି ତିନି ମହାନଗର ନିଗମ ଓ ବିଭିନ୍ନ ମ୍ୟୁନିସିପାଲଟିରେ, ୫୬ଟି ଏନ୍‌ଏସିରେ ନିର୍ମାଣ ହେବ । ବହୁ ଜାଗାରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କ ଅବହେଳାରୁ କାମ ଆଗେଇପାରୁନି । ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦିଆଯାଇଛି । ନିକଟରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏହି ପ୍ରକଳ୍ପର ସମୀକ୍ଷା ହୋଇଥିବାବେଳେ ଏଥିରୁ ଜଣାପଡ଼ିଛି ଯେ, ୧୦ଟି ମ୍ୟୁନିସିପାଲଟି ଯଥା ସୋରୋ, ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, ବାସୁଦେବପୁର, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆନନ୍ଦପୁର, ଯୋଡ଼ା, ଜଗତସିଂହପୁର ଏବଂ ୧୧ଟି ଏନ୍‌ଏସି ଯଥା ବିଜେପୁର, ଅଟାବିରା, ପଦମପୁର, ବରପାଲି, ଗଞ୍ଜାମ, ସୋରଡ଼ା, ଭଞ୍ଜନଗର, ଆସ୍କା, ମାଲକାନଗିରି, ବାଲିମେଳା, ପୁରୁଷୋତ୍ତମପୁରରେ କାମ ଅତି ମନ୍ଥର ଗତିରେ ଚାଲିଛି ।

# ବନ୍ୟା ଦୂର୍ଗତଙ୍କ ପ୍ରତି ସରକାର ଉଦାସୀନ: ସି.ପି.ଆଇ.(ଏମ୍)

ଭୁବନେଶ୍ୱର,୨୪/୦୬ (ନି.ପ୍ର): ରାଜ୍ୟରେ ଅଗଷ୍ଟ ମାସର ବାରମ୍ବାର ଲଘୁଚାପ ଓ ବାତ୍ୟା ସାଙ୍ଗକୁ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ପାଣିପାଗ ସମ୍ପର୍କରେ ଆଗରୁ ସୂଚନା ସତ୍ତ୍ୱେ ସରକାର କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇଥିବା ଯୋଗୁଁ ଏଭଳି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଛି । ବାରମ୍ବାର ବନ୍ୟା, ମରୁଡିରେ ଓଡିଶାର ଲୋକେ ହନ୍ତସନ୍ତ ହେଉଥିବା ବେଳେ ନବୀନ ସରକାର କୌଣସି ପ୍ରକାର ସ୍ଥାୟୀ ପଦକ୍ଷେପ ଗ୍ରହଣ ନକରି କେବଳ ରିଲିଫ ଓ କେନାଲ ମରାମତି ନାମରେ ନେତା ଓ କର୍ମୀମାନେ ସରକାରୀ ଅର୍ଥ ହରିଲୁଟ କରି ଚାଲିଛନ୍ତି ବୋଲି ସିପିଆଇଏମ୍ ଅଭିଯୋଗ କରିଛି ।

ସରକାରଙ୍କ ରିପୋର୍ଟ ପ୍ରକାରେ ବର୍ତ୍ତମାନ ସୁଦ୍ଧା ପାଣିଘେରରେ ୧୪୮୯ ଗାଁର ୯ ଲକ୍ଷ ୬୭ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ବାସ୍ତବ କ୍ଷେତ୍ରରେ ପ୍ରଭାବିତ ଗ୍ରାମ ଓ ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଏହି ବନ୍ୟାରେ ମୃତ୍ୟୁ ସଂଖ୍ୟା ସରକାରୀ ଭାବରେ କୁହାଯାଇନଥିବା ବେଳେ ସମ୍ବାଦ ପତ୍ରରେ ବିଭିନ୍ନ ସ୍ଥାନରେ ମୃତ୍ୟୁ ଖବର ପ୍ରକାଶିତ ହୋଇଛି । ରାଜ୍ୟ ସରକାର ଛତିଶଗଡ, ଝାଡଖଣ୍ଡ ଓ ଆନ୍ଧ୍ର ଉପରେ ଦୋଷ ଲଦି ନିଜର ନିଜର ବ୍ୟର୍ଥତାକୁ ଘୋଡାଇବାକୁ ଚେଷ୍ଟା କରୁଛନ୍ତି । ଏ ଦିଗରେ ପୂର୍ବରୁ ପଡୋଶୀ ରାଜ୍ୟ ଗୁଡିକ ସହ କଥା ହୋଇ ଆସନ୍ନ ବନ୍ୟାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଏହି ସର୍ବନିମ୍ନ କାମ ମଧ୍ୟ ସରକାର ନକରିବା ଆଶ୍ଚର୍ଯ୍ୟର ବିଷୟ ।

ଏତଦ୍ ବ୍ୟତୀତ ଏହି ନଦୀ ଗୁଡିକ ବ୍ୟବହାର କରି ଆଭ୍ୟନ୍ତରୀଣ ଓଡିଶାରେ ଛୋଟ , ବଡ ପ୍ରକଳ୍ପ ନିର୍ମାଣ କରିବାରେ ଓଡିଶା ସରକାର ସଂପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି ।

ସି.ପି.ଆଇ.(ଏମ୍) ରାଜ୍ୟର ବନ୍ୟା କ୍ଲିଷ୍ଟ ଜନଗଣଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ବନ୍ୟା ବିପନ୍ନ ଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ନିବେଦନ କରିଛି । ପାର୍ଟିର ପ୍ରତିଟି ୟୁନିଟ୍ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ସଂଗ୍ରହ କରିବା ବିପନ୍ନ ଲୋକଙ୍କ ପାଖରେ ପହଞ୍ଚିବା , ଜନସାଧାରଣଙ୍କ ଦାବୀ ଗୁଡିକର ଆଦାୟ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଜନସାଧାରଣଙ୍କ ଦାବୀ ଉପରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଛି ।

# ବିଜୁ ମହିଳା ଜନତା ଦଳ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଜୁ ମହିଳା ଜନତା ଦଳ ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ସଭାପତି ଶ୍ରୀମତୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡ଼େପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଜୁ ମହିଳା ଜନତା ଦଳ ରାଜ୍ୟସ୍ତରୀୟ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା, ସମ୍ପାଦିକା ଶ୍ରୀମତୀ ଭାରତୀ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବୃକ୍ଷରୋପଣର ମହତ୍ ବାର୍ତ୍ତା ସମାଜ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛତ୍ରୀମାନେ ସହାୟତା ପ୍ରଦାନ କରିଥିଲେ ।

# ଅଣସଂଗଠିତ ଶ୍ରମିକମାନଙ୍କ ସମାଜିକ ନିରାପତାକୁ ସୁଦୃଢ କରାଯାଉ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଅଣସଂଗଠିତ କ୍ଷେତ୍ରରେ ୯୩% ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କର ସାମାଜିକ ନିରାପତ୍ତା ସଠିକ୍ ଭାବରେ କାର୍ଯ୍ୟକରୁନାହିଁ । ସହରର ବିକାଶ ପ୍ରକ୍ରିୟାରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ଯଥେଷ୍ଟ ଅବଦାନ ଥିବା ବେଳେ ସଠିକ୍ ମଜୁରୀ, କର୍ମସ୍ଥଳୀରେ ସର୍ବନିମ୍ନ ମୌଳିକ ସୁବିଧା, ଶ୍ରମିକ ହାଟରେ ଆବଶ୍ୟକୀୟ ସୁବିଧା, ବାସହରା ଲୋକମାନଙ୍କ ପାଇଁ ଆବଶ୍ୟକୀୟ ରାତ୍ରୀ ବିଶ୍ରମାଗାର ସଠିକ୍ ଭାବରେ ମିଳୁନାହିଁ । ଘରୋଇ ପରିଚାରିକା ମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ କର୍ପସ ଫଣ୍ଡ, କାର୍ଯ୍ୟ ନିର୍ଘଣ୍ଟ ଓ ସଠିକ୍ ମଜୁରୀ ମଧ୍ୟ ମିଳୁନାହିଁ ବୋଲି ସ୍ଥାନୀୟ ରୋଟାରୀ କ୍ଲବ ସଭାକକ୍ଷରେ ସିସିଡବ୍ଲ୍ୟୁଡି, ଆକ୍ସନ୍‌ଏଡ୍ ଓ ଅଣସଂଗଠିତ ଶ୍ରମିକ ମଂଚର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅର୍ବାନ ଥିଙ୍କର୍ସ ଓ ଆକ୍ସନ୍ କ୍ୟାମ୍ପସ୍ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଅତିଥି ଭାବରେ ବରିଷ୍ଠ ଶ୍ରମିକ ନେତା ଏନ୍.ନାରାୟଣ ରେଡ୍ଡି, ମହେନ୍ଦ୍ର ପରିଡା, ଜ୍ୟୋତିରଂଜନ ମହାପାତ୍ର ଓ ବିରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଅଂଶ ଗ୍ରହଣ କରି ଶ୍ରମିକମାନଙ୍କର ସାମାଜିକ ନିରାପତ୍ତାକୁ ଆଗେଇନେବା ପାଇଁ ଶ୍ରମିକମାନେ ସଂଗଠିତ ହେବା ଜରୁରୀ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ କାର୍ଯ୍ୟକ୍ରମର ପୃଷ୍ଠ ଭୂମି ଉପରେ ବକ୍ତବ୍ୟ ରଖିଥିବା ବେଳେ ଆକ୍ସଡ୍‌ଏଡ୍‌ର ଶୁଭେନ୍ଦୁ କୁମାର ରାୟ ଅଣସଂଗଠିତ ଶ୍ରମିକ ମାନଙ୍କର ସମସ୍ୟା ଓ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ । ଅଣସଂଗଠିତ ଶ୍ରମିକମଂଚର ଏକ ଦଶଜଣିଆ ପ୍ରତିନିଧି ମଣ୍ଡଳୀ ୧୫ ଦଫା ସମ୍ବଳିତ ଦାବି ପତ୍ର ରାଜ୍ୟ ଶ୍ରମଆୟୁକ୍ତ ଓ ୧୪ଦଫା ସମ୍ବଳିତ ଦାବି ପତ୍ର ବି.ଏମ୍.ସି. ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ ।

# ଗଣେଶ ପୂଜା ପୂର୍ବରୁ ଶିକ୍ଷକଙ୍କୁ ବେତନ ମିଳୁ: ଓଷ୍ଟା

ଭୁବନେଶ୍ୱର,୨୪/୦୬ (ନି.ପ୍ର): ଗଣେଶ ପୂଜା ଓ ନୂଆଖାଇ ପୂର୍ବରୁ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଦରମା ପାଇବାରୁ ବଞ୍ଚିତ ହେବା ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆଶଙ୍କା ପ୍ରକାଶ କରିଛି । ସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ ଓଡ଼ିଶାର ୬୪୮ ମାଧ୍ୟମିକ, ୬୦୯ ଉଚ୍ଚ ପ୍ରାଥମିକ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ୨୬୦୮ ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ, ୯୧୬ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ସଂସ୍କୃତ ଟୋଲ୍ ଓ ମଦ୍ରାସାର ଶିକ୍ଷକ ଓ କର୍ମଚାରୀ ଆଲଟ୍‌ମେଣ୍ଟ ଅନୁଯାଇ ଦରମା ପାଇଥାନ୍ତି । ଏହା ତ୍ରୈମାସିକ ଆଲଟ୍‌ମେଣ୍ଟ ଭାବେ ରାଜ୍ୟ ସରକାର ଅନୁମୋଦନ ଲାଭ ପରେ ନିର୍ଦ୍ଦେଶାଳୟ ପକ୍ଷରୁ ଏହାକୁ ଭାଗ କରି ପ୍ରତି ଜିଲ୍ଲା ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇଥାଏ । ତିନି ମାସକୁ ଥରେ ଏହି ମଞ୍ଜୁରି ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଗତ ତ୍ରୈମାସିକ ଦରମା ମଞ୍ଜୁରି ସମୟରେ ଆର୍ଥିକ ନିଅଣ୍ଟ ହେତୁ ଅନେକ ଜିଲ୍ଲାରେ ଶିକ୍ଷକ ଓ କର୍ମଚାରୀ ମେ' ମାସଠାରୁ ଦରମା ପାଇ ନାହାନ୍ତି । ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର

ତ୍ରୈମାସିକ ଦରମା ପ୍ରଦାନ ନିମନ୍ତେ ଗତ ୫ ତାରିଖରେ ଗଣଶିକ୍ଷା ବିଭାଗ ଦରମା ମଞ୍ଜୁରି କରିଥିଲେ ମଧ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏପର୍ଯ୍ୟନ୍ତ ଆଲଟ୍‌ମେଣ୍ଟ ଜିଲ୍ଲାକୁ ପଠାଇ ନାହିଁ । ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଅନୁପସ୍ଥିତ ଥିବାରୁ ଦରମା ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି । ବିଭାଗୀୟ ମନ୍ତ୍ରୀ ଓ ସଚିବ ଉକ୍ତ ଘଟଣାରେ ହସ୍ତକ୍ଷେପ କରି ଏହି ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କୁ ତୁରନ୍ତ ଦରମା ପ୍ରଦାନର ବନ୍ଦୋବସ୍ତ କରିବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

# ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତାର ହାତ ବଢାଇଲା ପାଇକ ମହାସଂଘ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି । ଆଜି ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ କଣାସ ଅଞ୍ଚଳରେ ବିଭିନ୍ନ ଗ୍ରାମ ଗଡ଼ଦୋକନ୍ଦା, ବଳଭଦ୍ରପୁର, ତରାସ, ପାଣ୍ଡିଆକେରା, କଖାରୁବସ୍ତ, ବୈଦ୍ୟନାଥପାଟଣା ଗସ୍ତକରି ବନ୍ୟା ପ୍ରପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ, ବିସ୍କୁଟ, ମଶାଧୁପ, ଡ଼ିଆସିଲ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲଆଗାମୀ ଦିନରେ ମହାସଂଘ ପକ୍ଷରୁ ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କୁ ମାଗଣାରେ ବହି, ଖାତା ତଥା ପାଠ୍ୟ ଉପକରଣ ଯୋଗାଇ ଦେବାକୁ ମହାସଂଘ ପକ୍ଷରୁ ସ୍ଥିର କରାଯାଇଛି । ଗଡ଼ଦୋକନ୍ଦା ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବରେ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ବନ୍ୟାର ସମ୍ମୁଖୀନ ହେଉଥିବା ଏହି ବ୍ଲକକୁ କିପରି ରକ୍ଷା କରାଯାଇ ପାରିବ ତାହା ଉପରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ମହାସଂଘ ଦାବୀ କରିଛି । ଏହାସହ ବନ୍ୟା ପୀଡିତଙ୍କୁ ସହାୟତା ଯୋଗାଇବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# ରାଜ୍ୟର ସବୁ କେନ୍ଦ୍ରୀୟ ବିଦ୍ୟାଳୟରେ ନୂଆଁଖାଇ ଛୁଟି ଦାବି: ସାମାଜିକ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ନିଆଯାଉ ପଦକ୍ଷେପ

ଭୁବନେଶ୍ୱର,୨୪/୦୬ (ନି.ପ୍ର): ମାଟିରୁ ଦୂରେଇ ଯାଉଛନ୍ତି ବିଦ୍ୟାର୍ଥୀ । ଚାଷ ଏବଂ ଚାଷୀ ସମ୍ପର୍କରେ ପିଲା ଜାଣିବା ପାଇଁ ରାଜ୍ୟରେ ଥିବା ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକୁ ନୂଆଁଖାଇରେ ଛୁଟି ଘୋଷଣା କରାଯିବା ଉଚିତ ବୋଲି ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି । ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ ତ୍ରିପାଠୀ କହିଛନ୍ତି, ନୂଆଁଖାଇ ଏକ ଗଣପର୍ବ । ଏହି ଅବସରରେ ରାଜ୍ୟରେ ଥିବା ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଗୁଡ଼ିକ ଛୁଟି ହେବା ଜରୁରୀ । ବିଭିନ୍ନ କାରଣରୁ ଯଦି ଅଧ୍ୟକ୍ଷମାନେ ଛୁଟି ଦେଇ ପ

## ଦିଲ୍ଲୀର ଦୁଆର ମୁହଁ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏବେ ଦିଲ୍ଲୀ ସରକାର ଏ ପ୍ରକାର ସେବାର ପରିସରକୁ ବ୍ୟାପକ କରିଛନ୍ତି। ପର୍ଯ୍ୟାୟକ୍ରମେ ୧୦୦ରୁ ଅଧିକ ୧୪ ଟି ବିଭାଗର ସେବାକୁ ଲୋକଙ୍କ ଘର ସମ୍ମୁଖରେ ଦେବାର କାର୍ଯ୍ୟକ୍ରମ ଚାଲୁ କରିଛନ୍ତି। ଏହାକୁ ଆହୁରି ବ୍ୟାପକକରି ୨୦୦ ପ୍ରକାର ସେବା ପ୍ରତ୍ୟେକଙ୍କ ଘରେ ପହଞ୍ଚାଇବାର କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ରହିଛି। ଲକ୍ଷ୍ୟ ରହିଛି ୩୦୦ ପ୍ରକାରର ସେବା ଲୋକଙ୍କ ଘରେ ପହଞ୍ଚାଇବା। ଏହା ସହିତ ସମସ୍ତ ପ୍ରକାରର କଣ୍ଟ୍ରୋଲ ସାମଗ୍ରୀକୁ ମଧ୍ୟ ଘରେ ଘରେ ପହଞ୍ଚାଇବାର ଯୋଜନା ରହିଛି। କେନ୍ଦ୍ର ସରକାରଙ୍କ ସହିତ ମତପାର୍ଥକ୍ୟ ଯୋଗୁଁ ଏହା ଅଟକି ରହିଥିଲା । ଦିଲ୍ଲୀ ସରକାରଙ୍କ ପଦାଙ୍କ ଅନୁସରଣକରି ଏବେ ପଞ୍ଜାବର ଆପ୍ ସରକାର ଡୋର୍ ଷ୍ଟେପ ଡେଲିଭରି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଅନେକ ରାଜ୍ୟ ଏବେ ଏହି ପ୍ରକାର ଯୋଜନା କାର୍ଯ୍ୟକାରୀ କରିବାର ଦେଖାଯାଉଛି। ଏହା ଦେଶର ଗଣତନ୍ତ୍ର ବ୍ୟବସ୍ଥା ପାଇଁ ଶୁଭଙ୍କର ବିଷୟ ନିଶ୍ଚୟ।

ଏହା ଅତ୍ୟନ୍ତ ଉପାଦେୟ ଯୋଜନା। ଏପ୍ରକାର ଜନାଦୃତ ଯୋଜନା ପାଇଁ ଦିଲ୍ଲୀ ସରକାର ଧନ୍ୟବାଦର ପାତ୍ର। ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ ହେବା ଉଚିତ୍। ସମସ୍ତ ରାଜ୍ୟ ସରକାର ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣକରନ୍ତୁ। ରାଜନୈତିକ ପ୍ରତିଯୋଗୀତା ହେଉ କିଏ କେତେ ଅଧିକ ସୁବିଧା ଦୁଆର ମୁହଁରେ ଯୋଗାଇଦେଇ ପାରୁଛି। ସାଧାରଣ ଜନତା ଦାବୀକରନ୍ତୁ ଏହି ପ୍ରକାର ଲୋକାଭିମୁଖୀ ପଦକ୍ଷେପ ନେବାକୁ। ସରକାରଙ୍କୁ ବାଧ୍ୟ କରନ୍ତୁ। ଅନ୍ୟଥା ଉନ୍ନତ ସେବା ପ୍ରଦାନକାରୀ ସରକାରକୁ ଆଣିବାର ବିକଳ୍ପ ଖୋଲା ରଖନ୍ତୁ। ତେବେ ଏହା ସତ ଯେ ଯେଉଁଠାରେ ଆନ୍ତରିକତା ନାହିଁ ସେଠାରେ ସଫଳତା ନାହିଁ। ଦିଲ୍ଲୀ ଯେଉଁ ସଫଳତା ପାଇଛି ଅନ୍ୟମାନେ ତାହା ପାଇବାକୁ ହେଲେ ତାଙ୍କୁ ସେହି ଆନ୍ତରିକତା ଦେଖାଇବାକୁ ପଡିବ। ତେବେ ଭ୍ରଷ୍ଟାଚାର ହଟାଇବାପାଇଁ ତଥା ଲୋକମାନଙ୍କୁ ଉଚିତ୍ ସେବା ପ୍ରଦାନପାଇଁ ଆନ୍ତରୀକତା ସହିତ ରାଜନୀତି କରିବା ଓ ବେପାରୀ ମନୋଭାବ ନେଇ ଛଳନାର ରାଜନୀତି କରିବା ମଧ୍ୟରେ ପାର୍ଥକ୍ୟ ରହିଛି। ଜନତା ଚାହାଁନ୍ତି ଏକ ଦରଦୀ, ଜନହିତୈଷୀ ଓ ଛଳନାମୁକ୍ତ ସରକାର।

+ ଅବସରପ୍ରାପ୍ତ, ଦର୍ଶନ ବିଭାଗ, ବାରିପଦା, ମୟୁରଭଞ୍ଜ, ମୋ: ୭୦୦୮୯୭୬୧୮୦

## ବସ୍ତାରେ ଗୋରୁ ଟ୍ରକ ଜବତ : ୧୦ ଗୋରୁ ଉଦ୍ଧାର, ୨ଗିରଫ

ବସ୍ତା,୨୪/୮(ନିପ୍ର): ସୋରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ ଟ୍ରକକୁ ବୁଧବାର ବସ୍ତା ଥାନା ପୁଲିସ ଜବତ କରି ୧୦ ଗୋରୁଙ୍କୁ ଉଦ୍ଧାର କରିଛି।ସୂଚନାରୁ ଜଣାଯାଇଛି ଯେ ଏହି ଟ୍ରକ (ନଂ ଓଆର ୦୧ ଏଇ ୧୨୨୬) ଗୋରୁ ପରିବହନ କରି ଦ୍ରୁତ ଗତିରେ ନେଉଥିବା ବେଳେ ୬୦ନଂ ଜାତୀୟ ରାଜପଥ ର ମଥାନୀ ନିକଟରେ ପୁଲିସ ଟ୍ରକକୁ ଧରିଥିଲା।ସେଥରେ ଥିବା ଗୋରୁଙ୍କୁ ଉଦ୍ଧାର କରି ବାଲେଶ୍ୱରସ୍ଥିତ ବାମପଦା ଗୋଶାଳକୁ ପଠାଇ ଦିଆଯାଇଛି।ଟ୍ରକର ଡ୍ରାଇଭର ଖନ୍ତାପଡ଼ା ଥାନା ସାହାସପୁରାର ବକିଉଲ ସାହାଙ୍କ ପୁଅ ମୁମତାଜ ଓ ଅନ୍ୟ ଜଣେ ସେକ ଇନାମର ପୁଅ ସେକ ମୁରାସତ କୁ ପୁଲିସ ଗିରଫ କରି ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି ଏବଂ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ଆଜି ୬୩ତମ ସଂସ୍କୃତି ଚର୍ଚ୍ଚା

ଭୁବନେଶ୍ୱର, ୨୪/୦୮ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ଅପରାହ୍ନ ୫ ଟା ୩୦ରେ ରାଜ୍ୟ ଅଭିଲେଖାଗାର ଠାରେ ୬୩ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଂସ୍କୃତି ଚର୍ଚ୍ଚାର ଚଳିତ ସମ୍ମାନର ବିଷୟ ରହିଛି 'ଡ. ହରେକୃଷ୍ଣ ମହତାବ ଓ ଓଡିଶାର ସାଂସ୍କୃତିକ ଧାରା'। ଏଥିରେ ମୁଖ୍ୟ ବକ୍ତା ଭାବେ ଡ. କୈଳାଶ ଚନ୍ଦ୍ର ଦାଶ ଯୋଗ ଦେବେ ।ସେହିପରି ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମଧୁସୂଦନ ପାଢୀ ଏବଂ ଅତିରିକ୍ତ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲୀ ସୂଚନା ଦେଇଛନ୍ତି।

## କଂଗ୍ରେସ ପ୍ରବକ୍ତା ଜୟବୀର ଶେରଗିଲ ଦେଲେ ଇସ୍ତଫା

ନୂଆଦିଲ୍ଲୀ, ୨୪/୦୮ : କଂଗ୍ରେସ ନେତା ଜୟବୀର ଶେରଗିଲ ବୁଧବାର ଦିନ ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ପଦରେ ଇସ୍ତଫା ଦେଇଛନ୍ତି। ଜୟବୀର ବୁଧବାର ଦିନ କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ପତ୍ରରେ କହିଛନ୍ତି ଯେ ପାର୍ଟିରେ ସ୍ୱାର୍ଥରେ ପ୍ରଭାବିତ ହୋଇ ନିଷ୍ପତି ନିଆଯାଉଛି। ଲଗାତାର ଜମିନି ହକିକତର ଅଣଦେଖା ହେଉଛି। ସେ କହିଛନ୍ତି ଯେ ଏହି ନିଷ୍ପତି ନେବା ତାଙ୍କ ପାଇଁ ସହଜ ନଥିଲା।

## ଶତାଧିକ ଲୋକଙ୍କୁ ନେଇ ଏଥର ହୋଇ ପାରିବ ଗଣେଶ ପୂଜା

ଭୁବନେଶ୍ୱର, ୨୪/୦୮ (ନି.ପ୍ର): ଚଳିତ ଥର ଶତାଧିକ ଲୋକଙ୍କୁ ନେଇ ଗଣେଶ ପୂଜା ହୋଇ ପାରିବ ବୋଲି ସୂଚନା ଦେଇଛନ୍ତି ବିଏମସି କମିଶନର । ଗଣେଶ ପୂଜାକୁ ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏଥର ପରଦା ଆଡୁଆଳରେ ନୁହେଁ ବରଂ ସିଧାସଳଖ ଦର୍ଶନ କରିପାରିବେ ଭକ୍ତ । କୋଭିଡ୍ କଟକଣା ଉଠିଥିଲେ ମଧ୍ୟ ମାସ୍କ୍ ଓ ସାନିଟାଇଜର ବ୍ୟବହାର କରିବାକୁ ସେ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ମୂର୍ତ୍ତି ବିସର୍ଜନ ପାଇଁ କୁଆଖାଇ ଓ ଦୟାନଦୀ କୂଳରେ ହୋଇଛି ୨ଟି ଅସ୍ଥାୟୀ ପୋଖରୀ । ସେଥିରେ ଭୁବନେଶ୍ୱରର ସମସ୍ତ ମୂର୍ତ୍ତି ବିସର୍ଜନ କରିବାକୁ କମିଶନରଙ୍କ ଅପିଲ। ପୂଜାରେ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀକୁ ଅସ୍ଥାୟୀ ପୋଖରୀରେ ପକାଇବାକୁ ଅନୁରୋଧ କରିଛନ୍ତି କମିଶନର ।

## ରାଜଧାନୀରେ ୪୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୨୪/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ବୁଧବାର ମୋଟ ୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୪୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୭୩୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୪୭୦ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୪୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୩୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ମନ୍ତ୍ରୀଙ୍କ ଗସ୍ତବେଳେ କ୍ଷତିଗ୍ରସ୍ତଙ୍କୁ ସ୍ଥାୟୀଘର ଓ ନଦୀକୂଳ ପଥରପେକିଂ ଲାଗି ନିବେଦନ

ଜଳେଶ୍ୱର, ୨୪/୮(ନି.ପ୍ର): ଆଜି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଧାୟକ ଅଶ୍ୱିନୀ କୁମାର ପାତ୍ର ଜଳେଶ୍ୱର ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ବାଇଗଣବାଡିଆ, ଝାଡପିମ୍ପଳ, ପଶ୍ଚିମବାର୍ଡ ପଂଚାୟତର ରେଳା, ନମକନା, ଚଡନମକନା, ପାଳସାହି, ଦେବକୁମାର, ବାଇଗଣବାଡିଆ, ପଶ୍ଚିମବାର୍ଡ ଗାଁକୁ ଯାଇ ବନ୍ୟାପରିସ୍ଥିତି ଅନୁଧ୍ୟାନ କରିଥିଲେ। କେତେକ ଅସ୍ଥାୟୀ କେନ୍ଦ୍ରକୁ ସ୍ଥାନାନ୍ତରୀତ ହୋଇଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ବର୍ଷା ଲାଗି ରହିଥିବାରୁ କ୍ଷତିଗ୍ରସ୍ତ ଘରକୁ ପର୍ଯ୍ୟନ୍ତ ପଲିଥିନ ଓ ପରେ ସ୍ଥାୟୀ ଘର ଯୋଗାଇବାକୁ ବହୁ ବ୍ୟକ୍ତି ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଏହା ବ୍ୟତିତ ନଦୀକୂଳ ଗ୍ରାମଗୁଡିକ ନିକଟରେ ବିପଦ ସୃଷ୍ଟି ହୋଇଥିବା ସ୍ଥାନରେ ପଥର ପେକିଂ ଓ ସ୍ପୋର ନିର୍ମାଣ କରିବାକୁ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ ମନ୍ତ୍ରୀଙ୍କୁ କହିଥିଲେ । ବନ୍ୟାପରେ କୃଷି ଓ ଉଦ୍ୟାନ ବିଭାଗ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ମାଗଣାରେ ବିହନ ଓ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଥିଲେ । ମନ୍ତ୍ରୀଙ୍କ ସହିତ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଜିଲ୍ଲାପରିଷଦ ସଦସ୍ୟା ମିନତୀ ଜେନା, ସୁଧାକର ଜେନା, ମଧୁ ସେନାପତି ପ୍ରମୁଖ ପ୍ରମୁଖ ବୁଲି ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

ବାରିପଦା, ୨୪/୦୮ (ନି.ପ୍ର): ବାରିପଦା ସହରର ୧୫ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କେନ୍ଦ୍ରୀୟ ପ୍ରତିନିଧି ଦଳ ଆସି ପରିଦର୍ଶନ କରିଥିବାର ଜଣାପଡିଛି ଓ ବରିଷ୍ଠ ରିସର୍ଚ୍ଚ ଫେଲୋ ନୈନା ପଟେଲଙ୍କ ନେତୃତ୍ୱରେ ରାହୁଲ ଶର୍ମା, ଶୁଶ୍ରୀ ନୀତା ତଥା ଜିଲ୍ଲା ଡିପିସି କାର୍ଯ୍ୟାଳୟର ବାଳିକା ଶିକ୍ଷା ସଂଯୋଜକ ସପନ ପୃଷ୍ଟି ପ୍ରମୁଖ ଏଠାକୁ ଆସିଥିଲେ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଅନୁଧ୍ୟାନ ବେଳେ ଶିକ୍ଷୟିତ୍ରୀ ମିନର୍ଭା ଦାସ ପ୍ରତିନିଧି ଦଳ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷାର ଆଦାନ ପ୍ରଦାନରେ ସହାୟତା କରିଥିଲେ ଓ ଏହି ଟିମ ପିଲାମାନଙ୍କର ବିଦ୍ୟାଳୟ ପରିସରରେ ସୁରକ୍ଷା ବିଷୟରେ ଜାଣିବା ସହ ପ୍ରାକୃତିକ ବିପର୍ଯ୍ୟୟ ବେଳେ କିପରି ମୁକାବିଲା କରିବେ ପିଲାମାନଙ୍କଠାରୁ ପଚାରି ବୁଝିଥିଲେ ଓ ପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଏବଂ ବିଦ୍ୟାଳୟରେ ଥିବା ପାଠାଗାର ତଥା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସ୍ମାର୍ଟ କ୍ଲାସ ଦେଖି ପ୍ରସଂଶା କରିଥିଲେ । ସର୍ବପରି ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲର ପିଲାମାନଙ୍କର ଅତୀତର କାହାଣୀ ଓ ବର୍ତମାନର ସଫଳତା ବିଷୟରେ ଜାଣି ବେଶ ପ୍ରଭାବିତ ହୋଇଥିଲେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ତାଙ୍କ ପୁରା ଟିମର ମିଳିତ ଉଦ୍ୟମ ଫଳରେ ଏହା ସମ୍ଭବ ହୋଇ ପାରିଛି ବୋଲି କେନ୍ଦ୍ରୀୟ ପ୍ରତିନିଧି ଦଳ ପ୍ରକାଶ କରିଥିଲେ ଓ ପ୍ରାୟ ତିନି ଘଣ୍ଟା ବିଦ୍ୟାଳୟରେ ରହି ବିଦ୍ୟାଳୟ ପରିସରର ଭିଡ଼ିଓ ଗ୍ରାଫି କରିବା ସହ ସମସ୍ତେ ବିଦ୍ୟାଳୟପ୍ରତି ଏହିପରି ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

## ୨ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ବ୍ୟାପ୍ତି ବାୟୁମଣ୍ଡଳର ୫.୮କିମି ଉଚ୍ଚତା ଯାଏଁ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ଅଂଚଳରେ ବର୍ଷା ଲାଗିରହିଛି । ରାଜଧାନୀରେ ମଧ୍ୟ ଝିପିଝିପି ବର୍ଷା ଜାରି ରହିଛି। ଅଗଷ୍ଟ ୨୪ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଉତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାହୋଇପାରେ। ଅପରପକ୍ଷରେ ପାଣିପାଗ ସ୍ଥିତି ନେଇ ସ୍ୱତନ୍ତ୍ର ରିଲିଫ କମିସନର (ଏସ୍‌ଆରସି)ଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ( ୭ରୁ ୨୦ ସେମି) ସମ୍ଭାବନା ଥିବାରୁ ମୟୂରଭଂଜ ଓ ସୁନ୍ଦରଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହି ସମୟ ମଧ୍ୟରେ ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାଗୁଡ଼ିକରେ ୭ରୁ ୧୧ସେମି ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୨୫ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ପାଇଁ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗବେଷଣା କ୍ଷେତ୍ରରେ ଭାରତ ଅଷ୍ଟ୍ରେଲିଆର....

ମନ୍ତ୍ର ଉଭା ହେବ । ଚଳିତ ଦଶନ୍ଧି ମଧ୍ୟରେ ଭାରତ ଆତ୍ମନିର୍ଭର ହେବା ସହ ଟେକ୍ନୋଲୋଜି କ୍ଷେତ୍ରରେ ଅଗ୍ରସର ହେବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ପାଇଁ କଟିବଦ୍ଧ । ଭାରତ ସହ ଗବେଷଣା କ୍ଷେତ୍ରରେ ସହଯୋଗକୁ ମଜବୁତ୍ କଲେ ସମସ୍ତଙ୍କ ପାଇଁ ଲାଭଦାୟକ ହେବ । ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଗବେଷଣା କ୍ଷେତ୍ରରେ ଏକ ସଶକ୍ତ ଭାଗିଦାରୀ ରହିଛି । ଉଭୟ ରାଷ୍ଟ୍ରର ପ୍ରାଥମିକତାକୁ ପୂରଣ କରିବା ଏବଂ ବୈଶ୍ୱିକ ଆହ୍ୱାନକୁ ସମାଧାନ କରିବା ପାଇଁ ନୂଆ ସୁଯୋଗକୁ ଆପଣାଇବା ସଙ୍ଗେସଙ୍ଗେ ଗବେଷଣା କ୍ଷେତ୍ରରେ ସହଯୋଗୀ ହୋଇଥିବାରୁ ଅଷ୍ଟ୍ରେଲିଆର ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ସେହିପରି ମୋନାସ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆ ଭାରତ ଚାମ୍ବର ଅଫ୍ କମର୍ସ(ଏଆଇସିସି) ଦ୍ୱାରା ମେଲବୋର୍ଣ୍ଣ ଠାରେ ଆୟୋଜିତ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଭାଗିଦାରୀ ପାଇଁ ଉଭା ହେଉଥିବା ସୁଯୋଗ ଶୀର୍ଷକ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ ଶ୍ରୀ ପ୍ରଧାନ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଟେଡ୍ ବାଇଲ୍ଲ୍ୟୁ,ହରିଶ ରାଓ ଏବଂ ଅଷ୍ଟ୍ରେଲିଆ ସରକାରଙ୍କ ପ୍ରତିନିଧି ମଣ୍ଡଳି, ମୋନାସ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଏବଂ ଏଆଇସିସିର ସଦସ୍ୟମାନେ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନ ଏହି ଆଲୋଚନା ଚକ୍ରରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ପ୍ରମାଣଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ମାନବତାର ପ୍ରଗତି, କଲ୍ୟାଣ ତଥା ମଙ୍ଗଳକୁ ସୁନିଶ୍ଚିତ କରିବା ପାଇଁ 'ଲ୍ୟାବ-ଟୁ-ଲ୍ୟାଣ୍ଡ' ଏବଂ 'ଲ୍ୟାଣ୍ଡ-ଟୁ-ଲ୍ୟାବ' ମନ୍ତ୍ର ଦେଇଛନ୍ତି । ଭାରତ ସବୁ ସ୍ତରରେ ଜିଜ୍ଞାସାରୁ ପ୍ରେରିତ ଗବେଷଣା ଓ ନବସୃଜନକୁ ବିକଶିତ କରିବା ପାଇଁ ଉଦ୍ୟମ କରୁଅଛି । ଉଚ୍ଚ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ ପାଇଁ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉଭୟ ଭାରତ ଓ ଅଷ୍ଟ୍ରେଲିଆର ନାଗରିକମାନେ ଲାଭ ପାଇବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ସହଯୋଗୀ....

ଅନୁସାରେ ପୃଥକ୍ ମାମଲା ରୁଜୁ କରାଯିବ। ହେମନ୍ତ ସୋରେନ୍‌ଙ୍କ ସହିତ ତାଙ୍କର ଘନିଷ୍ଠତା ଥିବା ସମ୍ପର୍କରେ ସୁନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ପ୍ରେମ ପ୍ରକାଶଙ୍କ ବାସଭବନରେ ଖାନତଲାସ କରାଯାଇଥିଲା। ପ୍ରେମ ପ୍ରକାଶଙ୍କ ବ୍ୟତିରେକେ, ବେଆଇନ ଖଣି ଖୋଦନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଝାଡ଼ଖଣ୍ଡ, ବିହାର, ତାମିଲନାଡୁ ଏବଂ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ଆଉ ୧୬ଟି ସ୍ଥାନରେ ଚଢ଼ାଉ କରାଯାଇ ଖାନ୍‌ତଲାସ କରାଯାଇଥିଲା। ଏହି ମାମଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' ସ୍କାନର୍‌ରେ ଥିବା କଥା ବିଶେଷସୂତ୍ରରୁ ଜଣାପଡ଼ିଛି। ଏହାଛଡ଼ା, 'ମନି ଲଣ୍ଡରିଙ୍ଗ୍ ଆଇନ'ରେ ବିଧାୟକ ପଙ୍କଜ ମିଶ୍ରାଙ୍କ ସମେତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହେମନ୍ତ ସୋରେନ୍‌ଙ୍କ ଘନିଷ୍ଠ ସହଯୋଗୀମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌ରୁ ୧୧.୮୮ କୋଟି ଟଙ୍କା ଜବତ କରିଛି।

### ବାବୁସାନଙ୍କ ପତ୍ନୀ ଓ ଶ୍ୱଶୁରଙ୍କ....

ୟୁଟ୍ୟୁବରେ ପ୍ରକୃତିଙ୍କ ପ୍ରତି ଅପମାନଜନକ ଭିଡିଓ ଥିବାରୁ ୟୁଟ୍ୟୁବକୁ ପକ୍ଷଭୁକ୍ତ କରିଥିବା ତାଙ୍କ ଓକିଲ କହିଛନ୍ତି । ୟୁଟ୍ୟୁବରେ ପ୍ରକୃତିଙ୍କ ମାନସମ୍ମାନ ଓ ଇଜ୍ଜତକୁ ଆଞ୍ଚ ଆସିବା ପରି ନ୍ୟୁଜ୍ ପ୍ରସାରଣ ହୋଇଛି ।ପୋଲିସ ଠାରୁ ନ୍ୟାୟ ନମିଳିବାରୁ ସେ କୋର୍ଟ ଯାଇଥିବା କହିଛନ୍ତି । ପ୍ରକୃତିଙ୍କ ଓକିଲ କହିଛନ୍ତି ଯେ ଉଭୟ ପରିବାର ମଧ୍ୟରେ ବୁଝାମଣାରେ କୌଣସି ରାସ୍ତା ବାହାରି ପାରିଲା ନାହିଁ । ତେଣୁ ଏବେ ପ୍ରକୃତି ଏପରି ନିଷ୍ପତି ନେଇଛନ୍ତି । ଯଦି ଦୁଇ ପକ୍ଷ ଆପୋସ ଆଲୋଚନା କରିବେ, ସମାଧାନ ହେବ, ଅଭିଯୁକ୍ତମାନେ ଯଦି ଭୁଲ୍ ମାଗିବେ ସମାଧାନ ହେବ ବୋଲି ସେ କହିଛନ୍ତି ।

### ୨ ରାଜ୍ୟରେ ୨ ମେଗା....

ଡାକ୍ତରଖାନା ଆମ

ବାଲେଶ୍ୱର, ଗୁରୁବାର, ୨୫ ଅଗଷ୍ଟ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ 'ଅହିଂସା ରଥ'

ଭୁବନେଶ୍ୱର,୨୪/୦୮ (ନି.ପ୍ର): ସ୍ୱାଧୀନତାର ବାର୍ତା ତଥା ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ମହାମନ୍ତରେ ରାଜ୍ୟବାସୀଙ୍କୁ ଅନୁପ୍ରେରିତ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ଆଜି ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ସମ୍ବଲପୁର ଜିଲ୍ଲାରେ ପ୍ରଥମ କରି ଆଜି ଅହିଂସା ରଥକୁ ଦୁଇଟି ସ୍ଥାନରେ ସ୍ୱାଗତ କରାଯାଇଛି । ଗୋଟିଏ ରଥକୁ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଟିକିଲିପଡା ଏବଂ ଅନ୍ୟ ଗୋଟିଏ ରଥକୁ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଧିଜିପା ଠାରେ ଭବ୍ୟ ସ୍ୱାଗତ କରାଯାଇଛି । ଜମନକିରା ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟୁନୁ ମେହେରଙ୍କ ସମେତ ଏବିଡିଓ, ପଂଚାୟତ ସମିତି ଅ୍ନକ୍ଷା ଆଶ୍ରିତା ଭୋଇ ,ଉପାକ୍ଷ, ସରପଂଚ, ପଂଚାୟତ ସମିତି ସଦସ୍ୟ, ସ୍ଥାନୀୟ କଳାକାର, ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସମାଜସେବୀ, ବରିଷ୍ଠ ନାଗରିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ସମେତ ସାଧାରଣ ଜନତା ଉପସ୍ଥିତ ଥିଲେ । ରଥଟି ଜମନକିରା ପଂଚାୟତ, ଶିରିଡି, ଗୁଣ୍ଡୁରୁଡୁଆଁ ପଂଚାୟତ, କୁଚିଣ୍ଡା, ସାତଖମା, କିରାଶାସନ, ପାରୁଅଭାଡି ପଂଚାୟତର ସ୍ୱାଧୀନତା ସଂଗ୍ରାମୀ ଏବଂ ସହିଦଙ୍କ ଜନ୍ମସ୍ଥଳିକୁ ଗସ୍ତ କରିଛି । ସେହିପରି ନାକଟିଦେଉଳ ବ୍ଲକରେ ପ୍ରବେଶ କରିବା ପରେ ଅହିଂସା ରଥକୁ ନାକଟିଦେଉଳ ବିଡ଼ି ଓ ବିବେକାନନ୍ଦ ସାହୁଙ୍କ ସମେତ ନିର୍ବାଚିତ ଲୋକପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାବୃନ୍ଦ, ସ୍କୁଲର ଶିକ୍ଷକଶିକ୍ଷୟତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱାଗତ କରିଥିଲେ । ପରେ ରଥଟି ନାକଟିଦେଉଳ ବ୍ଲକର ବିଭିନ୍ନ ପଂଚାୟତ ଗସ୍ତ କରିଛି । ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି, ରାଇକିଆ ଏବଂ ଦାରିଙ୍ଗିବାଡ଼ି ବ୍ଲକ୍ ଠାରେ ଅହିଂସା ରଥ ପହଂଚିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଲୋକପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବକସଂଘର କର୍ମକର୍ତାମାନେ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ ।

# ୧୭୫୨ କୋଟି ଟଙ୍କାର ୬ ଟି ନୂଆ ପ୍ରକଳ୍ପକୁ ମଂଜୁରୀ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଓଡ଼ିଶା ଖଣିଜ ଅଂଚଳ ବିକାଶ (ଓୟାଡ୍‌ସି) ର ନିର୍ଦ୍ଦେଶକ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ବୈଠକରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଭାରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ଏବଂ ଓୟାଡ୍ସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି.ରାଜେଶ ବିଭିନ୍ନ ବିଭାଗରୁ ମିଳିଥିବା ନୂଆ ପ୍ରକଳ୍ପଗୁଡିକ ଉପସ୍ଥାପନ କରିଥିଲେ । ସମୁଦାୟ ୬ ଟି ପ୍ରକଳ୍ପକୁ ଶ୍ରୀ ମହାପାତ୍ର ଅନୁମୋଦନ ଦେଇଥିଲେ । ଏହିସବୁ ପ୍ରକଳ୍ପ ପାଇଁ ପ୍ରାୟ ୧,୭୫୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ଅଧିକ ସଂଖ୍ୟାରେ ଜୀବିକା ନିର୍ବାହ କୌଶଳ ବିକାଶ ଏବଂ ନୂଆ ଆୟ ପନ୍ଥା ସମ୍ବନ୍ଧିତ ପ୍ରକଳ୍ପ ସୁପାରିଶ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୌଶଳ ବିକାଶ ବିଭାଗ ସହଭାଗିତାରେ ଖଣି କାର୍ଯ୍ୟ ପ୍ରଭାବିତ ଅଂଚଳର ଯୁବକ ଯୁବତୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର କୌଶଳ ବିକାଶ ପ୍ରକଳ୍ପ ଆରମ୍ଭ କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ନିଗମକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ ମୁଖ୍ୟତଃ କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ୩୬ ଟି ବ୍ଲକ୍ ପାଇଁ ପ୍ରାକୃତିକ କୃଷି ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ମାଧ୍ୟମରେ କୃଷି କ୍ଷେତ୍ରରେ ବର୍ଷସାରା ଫସଲ ଉତ୍ପାଦନ ହେବ ଏବଂ କୃଷକ ତାହା ପର୍ଯ୍ୟାୟକ୍ରମେ ଅମଳ କରିବେ । ଏଥିରେ ପ୍ରାୟ ୨୫୦.୭୨ କୋଟି ଟଙ୍କା ବିନିଯୋଗ ହେବ ଏବଂ ୨.୪୯ ଲକ୍ଷ କୃଷକ ପରିବାର ଉପକୃତ ହେବେ । ଦ୍ୱିତୀୟ ଅନୁମୋଦିତ ପ୍ରକଳ୍ପ ହେଲା ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ୭୮୭ ଟି ଗ୍ରାମ ପାଇଁ ପ୍ରାୟ ୮୫୬.୮୭ କୋଟି ଟଙ୍କା ବିନିଯୋଗରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ । ଅନ୍ୟ ଅନୁମୋଦିତ ପ୍ରକଳ୍ପଗୁଡିକ ହେଲା ମୟୁରଭଞ୍ଜ ଓ କେନ୍ଦୁଝରରେ ସମନ୍ୱିତ ପୁନଃଥଇଥାନ କେନ୍ଦ୍ର ପ୍ରତିଷ୍ଠା (୧୦୬.୩୬ କୋଟି ଆକଳନ ମୂଲ୍ୟ), କେନ୍ଦୁଝର ଜିଲ୍ଲାର ୨୩ ଟି ଗ୍ରାମ ପାଇଁ ସବୁଦିନିଆ ରାସ୍ତା ସଂଯୋଗ (୧୯.୬୪ କୋଟି ଆକଳନ ମୂଲ୍ୟ), ମୟୁରଭଞ୍ଜ ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ଉନ୍ନୟନ (୨୯ କୋଟି ଆକଳନ), ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ (୪୮୯.୫୩ କୋଟି ଆକଳନ ମୂଲ୍ୟ) । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଖଣି ଓ ଇସ୍ପାତ୍ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ପଂଚାୟତି ରାଜ ଓ ପାନୀୟ ଜଳ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବିଦତ୍ତ ବିଶ୍ୱାଳଙ୍କ ସମେତ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ବୋର୍ଡର ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବନ୍ୟା ପାଇଁ ଯୁକ୍ତ-୩ ନାମଲେଖା ଅବଧି ବଢିଲା

ଭୁବନେଶ୍ୱର,୨୪/୦୮ (ନି.ପ୍ର): ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ-୩ ଛାତ୍ରଛାତ୍ରୀଙ୍କ ନାମଲେଖା ତାରିଖ ଅବଧିକୁ ବୃଦ୍ଧି କରାଯାଇଛି । ଆଜି ଏହି ମର୍ମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅନୁମୋଦନ କ୍ରମେ ଯୁକ୍ତ-୩ ନାମଲେଖା ନିମନ୍ତେ ପରିବର୍ତିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ନୂତନ କାର୍ଯ୍ୟସୂଚୀ ଅନୁଯାୟୀ ଅନ୍‌ଲାଇନ୍ ସିଏଏଫ୍ ଆବେଦନର ଶେଷ ତାରିଖକୁ ଅଗଷ୍ଟ ୨୫ ପରିବର୍ତେ ସେପ୍ଟେମ୍ବର ୧ ତାରିଖକୁ ବୃଦ୍ଧି କରାଯାଇଛି। ଯୁକ୍ତ-୩ ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୨ରୁ ୫ ତାରିଖ ମଧ୍ୟରେ ହେବାକୁ ଥିବାବେଳେ ଏବେ ଏହାକୁ ସେପ୍ଟେମ୍ବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୨ରୁ ୧୪ ତାରିଖ ସ୍ଥିର କରାଯାଇଥିବାବେଳେ ଏହାକୁ ସେପ୍ଟେମ୍ବର ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି । ପୂର୍ବ ସୂଚୀ ଅନୁଯାୟୀ ତତ୍‌କାଳ ନାମଲେଖା(ସ୍ପଟ୍ ସିଲେକ୍ସନ୍)ର ଅବଧି ସେପ୍ଟେମ୍ବର ୧୯ ତାରିଖରୁ ଆରମ୍ଭ ହେବାର ଥିଲା । ଏବେ ତାହାକୁ ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ କରିବାକୁ ସ୍ଥିର କରାଯାଇଛି । ଏହାର ସଂପୂର୍ଣ୍ଣ ବିବରଣୀ ସାମସ୍ ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସାମସ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ରେ ଉପଲବ୍ଧ ଅଛି ।

# ବ୍ରହ୍ମଗିରି ବିକାଶ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ, ୨୪/୦୮ (ନି.ପ୍ର): ଶ୍ରୀଅଲାରନାଥଙ୍କ କ୍ଷେତ୍ର ବ୍ରହ୍ମଗିରିର ବିକାଶ ପାଇଁ ବ୍ରହ୍ମଗିରି ବିକାଶ ମଂଚ(ବିବିଏନ୍) ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ମଂଚର ଆବାହକ କୈଳାସ ପରିଡ଼ାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଯାଇଛି ପୁରୀ-ସାତପଡ଼ା ରାସ୍ତାରେ ଦିନରାତି ଗାଈଗୋରୁ ଯାତାୟାତ କରୁଥିବାରୁ ପର୍ଯ୍ୟଟକ ଓ ଅଂଚଳବାସୀ ଯାନବାହନ ଯାଆସ କରିବା ସମୟରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏହାର ସମାଧାନ କରିବା ପାଇଁ ବ୍ରହ୍ମଗିରି ଠାରେ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ମଂଚ ଦାବି କରିଛି। ଏହାସହ ୫-ଟି ସଚିବ ଶ୍ରୀଅଲାରନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମେଗା ପ୍ରୋଜେକ୍ଟକୁ ମଂଚ ସ୍ୱାଗତ କରିବା ସହ ୫-ଟିଙ୍କୁ ପ୍ରଶଂସା କରିଛି। ଏହି କାର୍ଯ୍ୟକୁ ଜିଲ୍ଲାପାଳ ତ୍ୱରାନିତ କରିବା ପାଇଁ ମଂଚ ଦାବି କରିଛି। ପ୍ରସିଦ୍ଧ ବାଲିହରଚଣ୍ଡୀ ପୀଠର ଉନ୍ନତିକରଣ, ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକଙ୍କ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ବନ୍ୟା ସମୟରେ ବ୍ରହ୍ମଗିରି ଅଂଚଳରେ ପ୍ରଭାବିତ ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ କଳିକତି ଦଳ ଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏହାକୁ ସଫା କରିବା ପାଇଁ ମଂଚ ଦାବି କରିଛି। ଏହାସହ ବନ୍ୟା ସମୟରେ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ଦେବା ସମୟରେ ଯୁବନେତା ଶକ୍ତି ପ୍ରସାଦ ପ୍ରଧାନ, ପ୍ରଦୀପ ପଲାଇ, ସତ୍ୟବ୍ରତ ବେହେରା, ସୂର୍ଯ୍ୟକାନ୍ତ ଦଳାଇ, ଜିତେନ୍ଦ୍ର ବେହେରା, ବିଦ୍ୟାଧର ମାଣିଆ, ଦେବାଶିଷ ଦଳାଇ, ସୁକାନ୍ତ ପ୍ରଧାନ ଓ ସଂଗ୍ରାମ ବାରିକଙ୍କ ସହ ଅନେକ ଯୁବକ ଯୋଗ ଦେଇଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ବନ୍ୟା ସହାୟତା ଲାଗି ବିଜେପିର ଆଲୋଚନା

ଜଳେଶ୍ୱର, ୨୪/୮(ନି.ପ୍ର): ସୁବର୍ଣ୍ଣରେଖା ବନ୍ୟା କ୍ଷୟକ୍ଷତି ଓ ଲୋକଙ୍କ ସୁରକ୍ଷା ଯୋଗାଇବା ଜଳେଶ୍ୱର ବ୍ଲକ ଦାୟିତ୍ୱରେ ଥିବା ନିଲୁ ମହାପାତ୍ରଙ୍କ ସହିତ ବନ୍ୟା ସଂପର୍କରେ ଆଲୋଚନା ଲାଗି ବିଜେପିର ଏକ ଟିମ୍ ଡାକବଂଗଳ ପରିସରରେ ସାକ୍ଷାତ କରିଥିଲେ । ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ବିଭିନ୍ନ ପଂଚାୟତରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି । ବ୍ୟାପକ ଫସଲହାନୀ, ଗୋ ସମ୍ପଦ ଓ ଧନଜୀବନ ସହିତ ବ୍ୟବସାୟୀମାନେ ପ୍ରଭାବିତ ହୋଇଥିବାରୁ ଆଗାମୀ ଦିନରେ ସେମାନଙ୍କୁ ସହାୟତା ଲାଗି ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ଚଡନମକନା ଓ ଖାଲିନାର ହରିଜନସାହି ଭଳି କେତେକ ଗାଁରେ ସରକାରୀ ସହାୟତା ମିଳିନଥିବା ସେମାନେ ଅଭିଯୋଗ କରିଛନ୍ତି । ବରିଷ୍ଠ ନାଗରିକ, ଶିଶୁ, ରୋଗୀ ଭଳି ଯେଉଁମାନେ ସ୍ଥାନାନ୍ତରିତ ହୋଇପାରିନାହାନ୍ତି ସେମାନଙ୍କ ବିକଳ୍ପ ବ୍ୟବସ୍ଥା କରାଯାଇନଥିବା ସେମାନେ କହିଛନ୍ତି । ଡାକ୍ତରୀଟିମ୍ ସହିତ ଔଷଧ ବ୍ୟବସ୍ଥା, ଚାଷୀଙ୍କ ନଷ୍ଟ ହୋଇଥିବା ଫସଲ, ଘର ଓ କ୍ଷୟକ୍ଷତିର ଆକଳନ କରି ସହାୟତାଯୋଗାଇବା ସଂପର୍କରେ ସେମାନେ କହିଛନ୍ତି । ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ଏ ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି । ଆଲୋଚନାରେ ଅରୁଣ ବେଜ, ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ସାଂସଦ ପ୍ରତିନିଧି ସାନ୍ତନୁ-ପଟ୍ଟନାୟକ, ମିଡିଆକୋଡିନେଟର ଜଗନ୍ନାଥ ଗୋଛାୟତ, ସରପଂଚ ରଂଜନ ମହାନ୍ତି, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ସାଧାରଣ ସଂପାଦକ ରବିନ୍ଦ୍ର ପାତ୍ର, ଯୁବନେତା ସତ୍ୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ୩୩୪ ଅଣଅଧ୍ୟାପକଙ୍କୁ ମିଳିବ ନିଯୁକ୍ତିପତ୍ର

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ୩୩୪ ଜଣ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତ ହେବେ । ଏମାନଙ୍କ ମଧ୍ୟରେ ୧୮ ଜଣ ଶାରୀରିକ ଶିକ୍ଷା ପ୍ରଶିକ୍ଷକ (ପିଇଟି), ୨୫ ଜଣ କନିଷ୍ଠ ଗ୍ରନ୍ଥାଗାରିକ (ଜୁନିଅର ଲାଇବ୍ରେରିଆନ୍) ଏବଂ ୨୯୧ ଜଣ ବିଜ୍ଞାନାଗାର ସହାୟକ ତଥା ଭଣ୍ଡାର ରକ୍ଷକ (ଲାବୋରେଟୋରୀ ଆସିଷ୍ଟାଂଟ-କମ୍-ଷ୍ଟୋର କିପର) ଅଛନ୍ତି। ନବନିଯୁକ୍ତ ଶିକ୍ଷକ ଓ ଅଣଶିକ୍ଷକମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆସନ୍ତାକାଲି (ଗୁରୁବାର) ଅପରାହ୍ନ ୫.୩୦ ସମୟରେ ଲୋକସେବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଏହି ଅବସରରେ ନବନିଯୁକ୍ତ ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ନିଯୁକ୍ତି ଆଦେଶ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉପସ୍ଥିତ ରହି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

## ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ଅସୁସ୍ଥ ଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର ଦିନ ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ମା' କମଳା ପୂଜାରୀ ଅସୁସ୍ଥତା କାରଣରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ ହୋଇଥିବା ବିଷୟରେ ଅବଗତ ହେଲି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ କମଳା ପୂଜାରୀଙ୍କୁ ଜ୍ୱର ଓ ଝାଡା ହେବା ସହିତ ଦୁର୍ବଳ ଅନୁଭବ ହେବାରୁ ତାଙ୍କୁ ଡାକ୍ତର ଖାନରେ ଭର୍ତି କରା ଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା ଏବଂ ପତଳା ଝାଡା ଓ ଜ୍ୱର କମିଯାଇଥିଲା ।ତେବେ ଅଧିକ ଚିକିତ୍ସା ଆବଶ୍ୟକ ପଡୁଥିବାରୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରୀ ଟିମ୍ ଓ ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ କମଳା ପୂଜାରୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

# ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳରେ ଚିକିତ୍ସା କେନ୍ଦ୍ର

ଭଦ୍ରକ, ୨୪/୦୮ (ନି.ପ୍ର): ଚଳିତ ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳରେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଗୋଖାଦ୍ୟ ବଣ୍ଟନ ସହ ଭ୍ରାମ୍ୟମାଣ ଚିକିତ୍ସା ଭ୍ୟାନ୍ ଯୋଗେ ଛୋଟ ବଡ଼ ଗୃହପାଳିତ ପ୍ରାଣୀମାନଙ୍କୁ ଚିକିତ୍ସା ପ୍ରଦାନ ବ୍ୟବସ୍ଥା ଜାରି ରହିଛି। ଧାମନଗର ବ୍ଲକ୍‌ରେ ବନ୍ୟା ପ୍ରଭାବିତ ଗ୍ରାମରେ ଅତିରିକ୍ତ ଭାବେ ୮ଟି ଗ୍ରା.ପ. ର ୪୩ଟି ଗାଁକୁ ଅନ୍ତର୍ଭୁକ୍ତ କରାଯାଇଛି। ଧାମନଗର ବ୍ଲକ୍‌ର ବନ୍ୟା ପ୍ରଭାବିତ ସେଣ୍ଟପୁର ଓ ନନ୍ଦପୁର ଗାଁରେ ଭ୍ରାମ୍ୟମାଣ ଚିକିତ୍ସା ଭ୍ୟାନ ଦ୍ୱାରା ପ୍ରାଣୀମାନଙ୍କୁ ଚିକିତ୍ସା ଓ ଟୀକାକରଣ କରାଯାଇଛି। ଜିଲ୍ଲାର ୨୭ଟି ଗ୍ରାମପଞ୍ଚାୟତ ୧୦୭ ଗାଁର ବଡ଼ ପ୍ରାଣୀ ୪୬,୬୦୬ ଓ ଛୋଟ ପ୍ରାଣୀ ୧୪,୦୫୩ଙ୍କ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଅତିରିକ୍ତ ୧୪୧.୩ ମ୍ୟାଟ୍ରିକ ଟନ୍ ଗୋଖାଦ୍ୟର ଆବଶ୍ୟକତା ବିଷୟରେ ଅବଗତ କରାଯାଇଛି। ଆଜି ସକାଳେ ଧାମନଗର ବ୍ଲକ୍‌ରେ ୪୫.୩ ମ୍ୟାଟ୍ରିକଟନ୍ ଗୋଖାଦ୍ୟ ପହଞ୍ଚିଥିଲାବେଳେ ଝନ୍ଦବାଲି ବ୍ଲକ୍ ପାଇଁ ୧୯.୫ ମ୍ୟାଟ୍ରିକ ଟନ୍ ଓ ଭଦ୍ରକ ବ୍ଲକ୍ ପାଇଁ ୧.୫ ମ୍ୟାଟ୍ରିକ୍ ଟନ୍ ଗୋଖାଦ୍ୟ ଆଜି ପହଞ୍ଚିବାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ କୁମାର ମିଶ୍ରଙ୍କ ଠାରୁ ପ୍ରକାଶ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ରଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମତେ ଧାମନଗର ବ୍ଲକ୍‌ର ପଧାନୀ ଓ ଖଡ଼ିପଦା ଏମ୍.ଆର୍.ସି.(ମେଡ଼ିକାଲ ଲିଲିଫ୍ ସେଣ୍ଟର) ଜରିଆରେ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସହାୟତା ଯୋଗାଇ ଦିଆଯାଇ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କର ଆବଶ୍ୟକତା ଅନୁଯାୟୀ ଔଷଧ ଓ ଚିକିତ୍ସା ପ୍ରଦାନ କରାଯାଉଛି। ଭଣ୍ଡାରିପୋଖରୀ ବ୍ଲକ୍‌ର ଷୋଳମପୁର ଓ ଜଳାହାରୀ ଠାରେ, ତିହିଡ଼ି ବ୍ଲକ୍‌ର କାଁପଡ଼ା, ଶ୍ୟାମସୁନ୍ଦରପୁର, ସି.ଏଚ୍.ସି ଝନ୍ଦବାଲି ଅଧୀନରେ ଆରଡ଼ି ସେକ୍ଟରରେ ସୁନ୍ଦରପୁର 